## ପ୍ରଣବ ପ୍ରକାଶଙ୍କ କଥାରେ ଭାବବିହ୍ୱଳ ହେଲେ ଜନତା

# ମା'ସମଲେଶ୍ୱରୀଙ୍କ ଡାକରାରେ ଆପଣଙ୍କ ସେବା କରିବା ପାଇଁ ଆସିଛି: ପ୍ରଣବ ପ୍ରକାଶ





**ସମ୍ବଲପୁର, ୨୫।୪(ସମିସ):** ଜୟ ମା' ସମଲେଶ୍ୱରୀ କି ଜୟ...। ଯୁଯୁମୁରାରେ ନିଜର ବକ୍ତବ୍ୟ ରଖିବା ସମୟରେ ମା'ସମଲେଇଙ୍କ ନାମ ନେଇ କହିବା ଆରମ୍ଭ କରିଥିଲେ ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ଦିନସାରା ସଭା କାର୍ଯ୍ୟକ୍ରମରେ ଯୋଗଦେବା, ବୁଲିବୁଲି ଲୋକଙ୍କ ସହିତ ମିଶିବା ସତ୍ତ୍ୱେ ତାଙ୍କ ମୁହଁରେ ସାମାନ୍ୟ ହାଲିଆ ପଣ ଦେଖା ଯାଉନଥିଲା। ପ୍ରଣବ ପ୍ରକାଶ ସଭାରେ ଲୋକଙ୍କୁ ଯେଉଁ ବାର୍ତ୍ତା ଦେଇଥିଲେ ତାହା ସମସ୍ତଙ୍କ ମନକୁ ଛୁଇଁଥିଲା। ସମ୍ବଲପୁରର ଉନ୍ନତି ଓ ସମ୍ବଲପୁର ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ପ୍ରଣବ ପ୍ରକାଶଙ୍କ ମନରେ ଥିବା ଉତ୍କଣ୍ଠା ତାଙ୍କ ବକ୍ତବ୍ୟରୁ ସ୍ପଷ୍ଟ ଭାବରେ ବାରି ହେଉଥିଲା। ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେ କହିଥିଲେ, ମୁଖ୍ୟମନ୍ତ୍ରୀ ମୋତେ ସମ୍ବଲପୁର ପଠାଇଛନ୍ତି। ଏହା ମା' ସମଲେଶ୍ୱରୀଙ୍କ ଡାକରା। କାରଣ ଏଠାରେ ମୋ ବାପା ପାଠ ପଢ଼ିଛନ୍ତି। ତାଙ୍କ ଜୀବନର ବହୁମୂଲ୍ୟ ସମୟ ଏଠାରେ କଟାଇଛନ୍ତି ବୋଲି ସେ କହିଥିଲେ। ଏହା ସହିତ ସେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ସମ୍ବଲପୁରୀବାସୀ, ଯୁଯୁମୁରାବାସୀଙ୍କ ପାଇଁ ବର୍ଷକର ୧୨ମାସ ଏଠାରେ ରହିବେ ଓ କାମ କରିବେ। ପ୍ରଣବ ପ୍ରକାଶଙ୍କର କଥା ଜନତାଙ୍କୁ ଭାବବିହ୍ୱଳ କରିଥିଲା। ଯୋଡି ଶଙ୍ଖ, ଗୋଟିଏ ଏମ୍‌ପି ପାଇଁ ଓ ଗୋଟିଏ ଏମ୍‌ଏଲ୍‌ଏ ପାଇଁ ଭୋଟ ଦେବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଭୁବନେଶ୍ୱର ଦରବାରରେ ପ୍ରସନ୍ନ ଆଚାର୍ଯ୍ୟ ଓ ଦିଲ୍ଲୀ ଦରବାରେ ପ୍ରଣବ ପ୍ରକାଶ ଆପଣଙ୍କ ସହ ସବୁବେଳେ ରହିବେ ବୋଲି କହିଥିଲେ। ସେହଭଳି ନବୀନ ପଟ୍ଟନାୟକଙ୍କୁ ଆମେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ନିର୍ବାଚିତ କରିବାକୁ ପଣ କରିବା ବୋଲି ରେଢାଖୋଲ ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ। ରେଢାଖୋଲ ନିର୍ବାଚନମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଫୋକସରେ ରହିଛି। ଏଠାରେ ବିକାଶମୂଳକ କାମ ହୋଇଛି ଏବଂ ଆଗାମୀ ଦିନରେ ଅନବରତ ଭାବରେ ବିକାଶ କାର୍ଯ୍ୟ ଜାରି ରହିବ ବୋଲି ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ କହିଥିଲେ। ତେବେ ଦିନ ଗଡ଼ିବା ସହିତ ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ବିଜୁ ଜନତା ଦଳର ଲୋକପ୍ରିୟତା କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ପରେ ଧମାଠାରେ ସାଧାରଣ ସଭାରେ ଯୋଗ ଦେଇଥିଲେ। ମା' ଝାଡେଶ୍ୱରୀଙ୍କ ଦର୍ଶନ କରିଥିଲେ। ସେଠାରେ ଉଦ୍‌ବୋଧନ ଦେଇ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ କହିଥିଲେ। ଲୋକସଭା ପ୍ରାର୍ଥୀ ପ୍ରଣବ ଓ ଓ ବିଧାନସଭା ପ୍ରାର୍ଥୀ ପ୍ରସନ୍ନଙ୍କୁ ଯୋଡି ଶଙ୍ଖରେ ଭୋଟ ଦେବାକୁ ଅନୁରୋଧ କରିଥିଲେ।

## ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଭେଟିଲେ ପ୍ରଣବ ଓ ରୋହିତ



**ସମ୍ବଲପୁର, ୨୫।୪(ସମିସ):** ବିଶିଷ୍ଟ ସଙ୍ଗୀତ ସାଧକ, ଗୀତିକାର, କବି ତଥା ନାଟ୍ୟକାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଭେଟିଛନ୍ତି ବିଜୁ ଜନତା ଦଳର ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀ। ଗୁରୁବାର ସକାଳେ ଉଭୟେ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଘରକୁ ଯାଇ ତାଙ୍କୁ ଭେଟିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ ପ୍ରଣବ ପ୍ରକାଶ। ତାଙ୍କର ଜୀବନବ୍ୟାପୀ ସାଧନାକୁ ପ୍ରଣାମ କରିବା ସହିତ ଭାଷା ସାହିତ୍ୟ ପାଇଁ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ପଦ୍ମଶ୍ରୀ ବିନୋଦ ପଶାୟତ ବୃତ୍ତିରେ ଜଣେ ବାରିକ ଅଟନ୍ତି। ସମ୍ବଲପୁରୀ ସାହିତ୍ୟ ରଚନା କରିବାର ନିଶା ଆଜି ତାଙ୍କୁ ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ଆଣିଦେଇଛି। ପ୍ରକାଶଥାଉକି ପଦ୍ମଶ୍ରୀ ବିନୋଦ ପଶାୟତ ତାଙ୍କର ସେଲୁନ ଦୋକାନରେ ହିଁ ସାହିତ୍ୟ ସାଧନା କରୁଥିଲେ। ବିଶିଷ୍ଟ ସମ୍ବଲପୁରୀ ନାଟକ 'ମୁଇଁ ନାଇଁ ମରେଁ' ତାଙ୍କୁ ଖ୍ୟାତି ଆଣିଦେଇଥିଲା। ତାଙ୍କ ରଚିତ ୧୨ଗୋଟି ସମ୍ବଲପୁରୀ ନାଟକ ମଧ୍ୟରୁ ଉଖି, ଲିତା, ଚିହ୍ନା, ଭରନା ଆଦି ନାଟକରେ ଉଚ୍ଚକୋଟିର ସାହିତ୍ୟ ସୃଷ୍ଟି ସର୍ଜନା ପରିଲକ୍ଷିତ ହୁଏ। ସମର୍ପଣ, ଆଦିବାସୀ ଓ ପରସ୍ତ୍ରୀ ଭଳି ଓଡ଼ିଆ ସିନେମାରେ ସେ ମଧ୍ୟ ଗୀତ ଲେଖିଛନ୍ତି। ତାଙ୍କର ଅନେକ କାବ୍ୟ କବିତା ଓ ଗୀତ ଆଜି ବି ଜନମାନସରେ ଚିରସବୁଜ ହୋଇ ରହିଛି। ତାଙ୍କ ଭଳି ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ସାକ୍ଷାତ କରି ଗର୍ବ ଅନୁଭବ କରୁଥିବା ପ୍ରଣବ ପ୍ରକାଶ କହିଛନ୍ତି।

## ଧମାରେ ପ୍ରଣବ ପ୍ରକାଶଙ୍କ ନିର୍ବାଚନ ପ୍ରଚାର

# 'କଥା କମ, କାମ ଅଧିକରେ ବିଶ୍ୱାସ କରୁ'



**ସମ୍ବଲପୁର, ୨୫।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ଧମାଠାରେ ଆୟୋଜିତ ସଭାରେ ଯୋଗଦେଇଥିଲେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ତାଙ୍କ ସହିତ ରେଢାଖୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଓ ସମ୍ବଲପୁର ବିଧାନସଭା ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ଉପସ୍ଥିତ ଥିଲେ। ସଭାରେ ଜନସାଧାରଣଙ୍କୁ ସମ୍ବୋଧନ କରି ପ୍ରଣବ ପ୍ରକାଶ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଡବଲ ଇଞ୍ଜିନ ସରକାର ଥାଇ କଣ ବିକାଶ ହୋଇଛି ବୋଲି ପ୍ରଶ୍ନ ପଚାରିଥିଲେ। ଧମା ସ୍ଥିତ ମା ଝାଡେଶ୍ୱରୀ ମନ୍ଦିରରେ ମା'ଙ୍କୁ ଦର୍ଶନ କରି ଅଞ୍ଚଳର ବିକାଶ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆମେ କଥା କମ କାମ ବେଶି କରୁ। ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଅନୁପ୍ରାଣିତ ହୋଇ କାମ ଅଧିକ କରିବା ପାଇଁ ପ୍ରତିଶ୍ରୁତି ଦେଉଛୁ। ସେହିଭଳି ରେଢାଖୋଲ ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ବିରୋଧୀଙ୍କୁ କୌରବ ସେନା ବୋଲି କହି ନିଶାଣ କରିଥିଲେ। ସମ୍ବଲପୁରର ସର୍ବାଙ୍ଗୀନ ବିକାଶ ପାଇଁ ବିଜୁ ଜନତା ଦଳର ଏମପି ଓ ଏମଏଲଏ ପ୍ରାର୍ଥୀଙ୍କୁ ୨ଟି ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହା ପୂର୍ବରୁ ପ୍ରଣବ ପ୍ରକାଶ ଦାସ ଲିପିଣ୍ଡାରେ ଆୟୋଜିତ ଏକ ନାମଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇ ଆଶିଷ ଲାଭ କରିଥିଲେ। ସେଠାରେ ଭକ୍ତ ମାନଙ୍କ ଆଲେଚନା କରି ତାଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଣବ ପ୍ରକାଶ ଦାସଙ୍କ ଏହି ଜନସମ୍ପର୍କ ଯାତ୍ରା ବିରୋଧୀଙ୍କ ଶିବିରରେ ହଇଚଇ ସୃଷ୍ଟି କରିଛି। ଦିନକୁ ଦିନ ବିଜୁ ଜନତା ଦଳର ବୃଦ୍ଧି ପାଉଥିବା ଲୋକପ୍ରିୟତା ତାଙ୍କୁ ବିରୋଧୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି ବୋଲି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏକ ପ୍ରେସ ବିବୃତି ଜରିଆରେ କହିଛନ୍ତି।


ଚେମ୍ବର ଅଫ୍ କମର୍ସ କର୍ମକର୍ତ୍ତାଙ୍କ ସହ ଆଲୋଚନା


ବରିଷ୍ଠ ନାଗରିକଙ୍କ ଗହଣରେ



ଭୀମଖୋଜ ସାଧାରଣ ସଭାରେ ଦଳକୁ ସ୍ୱାଗତ କରୁଛନ୍ତି ପ୍ରଣବ

# ନାମଯଜ୍ଞରେ ଯୋଗଦେଲେ ପ୍ରଣବ ପ୍ରକାଶ ଓ ପ୍ରସନ୍ନ

**ରେଢ଼ାଖୋଲ, ୨୫।୪(ସମିସ):** ସ୍ଥାନୀୟ ବଡ଼ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ଅଷ୍ଟପ୍ରହର ନାମଯଜ୍ଞ ହୋଇଯାଇଛି। ଏହି ଅବସରରେ ସମ୍ବଲପୁର ଜିଲ୍ଲା ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଭଗବାନଙ୍କୁ ଦର୍ଶନ କରି ଆଶିଷ କାମନା କରିଥିଲେ। ସେଠାରୁ ସେ ଯୁଯୁମୁରାରେ ହେବାକୁ ଥିବା ବିରାଟ କାର୍ଯ୍ୟକ୍ରମକୁ ଯାଇଥିଲେ। ସେହିପରି ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ବିଜେଡି ବିଧାନସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ପ୍ରଭୁଙ୍କ ଦର୍ଶନ କରି ସାଧାରଣ ଲୋକଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ନାମଯଜ୍ଞରେ ରେଢ଼ାଖୋଲ ସମେତ ଅନ୍ୟ ଜିଲ୍ଲା ଅଞ୍ଚଳରୁ ୩୦ରୁ ଉର୍ଦ୍ଧ୍ୱ ସଙ୍କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିବାବେଳେ ବିଶେଷ ଆକର୍ଷଣ ମହିଳା ସଙ୍କୀର୍ତ୍ତନ ଦଳ ରହିଥିଲା। ଏଥିରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ପୂଜକ ଭାବରେ ବଟୁଆ ନନା ଏବଂ କର୍ତ୍ତା ଭାବରେ ଦେବାଶିଷ ଷଡ଼ଙ୍ଗୀ ଓ ତାଙ୍କ ଧର୍ମପତ୍ନୀ ସ୍ନେହଲତା ଷଡ଼ଙ୍ଗୀ ଦାୟିତ୍ୱ ତୁଲାଇଥିଲେ। କମିଟି ସଭାପତି ସୁବାଷ ପଣ୍ଡା, କାର୍ଯ୍ୟକାରୀ ସଭାପତି ମହାବୀର ସିଂ ଦେଓ, ସମ୍ପାଦକ ଶିବ ଶମ୍ଭୁ ନନ୍ଦ କୋଷାଧ୍ୟକ୍ଷ ବିଭୂତି ଭୂଷଣ ସାହୁ, ଭକ୍ତ କର୍ଣ୍ଣ, ନରେନ୍ଦ୍ର ଦେହୁରୀ, ଘନଶ୍ୟାମ ବାରିକ, ବାସୁଦେବ ପ୍ରଧାନ, ହରି ଶଙ୍କର ହୋତା, ସଚ୍ଚିଦାନନ୍ଦ ସାହୁ, ବୈକୁଣ୍ଠ ପ୍ରଧାନ, ଯୁଧିର୍ଥିର ପ୍ରଧାନ, ସଞ୍ଜିତ ନାୟକ, ଲକ୍ଷ୍ମଣ ପ୍ରଧାନ, ହୃଦାନନ୍ଦ ପ୍ରଧାନ ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। ଏଥିରେ ଅଷ୍ଟ ପ୍ରହରୀ ନାମ ଯଜ୍ଞ କମିଟି ଓ ଯୁବଗୋଷ୍ଠୀ ଉପସ୍ଥିତ ରହି ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ସେବନ କରିବା ବ୍ୟବସ୍ଥା କରିଥିଲେ।



## ରାଜନୀତି ନୁହେଁ, ସେବା ଆଗ

# ରକ୍ତଦାନ କଲେ ପ୍ରଣବ ପ୍ରକାଶ ଦାସ

**ବୁର୍ଲା, ୨୫।୪(ସମିସ):** ରାଜନୀତି ନୁହେଁ ସେବା ଆଗ, ନେତା ନୁହେଁ ସେ ସେବକ ହିଁ ଅଟନ୍ତି। ଆଜି ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ଆୟୋଜିତ ବୁର୍ଲା ଭିମସାର୍‌ସ୍ଥିତ ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତଦାନ କରିଛନ୍ତି ସମ୍ବଲପୁର ଲୋକସଭା ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ଚଳିତ ଗ୍ରୀଷ୍ମ ଋତୁ ତଥା ବର୍ତ୍ତମାନର ନିର୍ବାଚନୀ ମାହୋଲରେ ସବୁ ଦଳ ବ୍ୟସ୍ତ ଥିବା ବେଳେ ସମ୍ବଲପୁରରେ ଉତ୍କଟ ରକ୍ତାଭାବକୁ ଲକ୍ଷ୍ୟ କରି ସମ୍ବଲପୁର ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶା ମୋ ପରିବାର ସୌଜନ୍ୟରୁ ଏକ ଜରୁରୀକାଳୀନ ରକ୍ତଦାନ ଶିବିରର ଆୟୋଜିତ କରାଯାଇଛି। ଏହି ଶିବିରରେ ନିଜେ ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ରକ୍ତଦାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ପ୍ରତିଟି ଜୀବନ ମୂଲ୍ୟବାନ' ଉକ୍ତିକୁ ସାର୍ଥକ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ବିଜୁ ଜନତା ଦଳ ସବୁ ସମୟ ଅସମୟରେ ଲୋକଙ୍କ ସହ ରହେ ଏହା ଶ୍ରେଷ୍ଠ ପ୍ରମାଣ। ଏହି ଶିବିରରେ ଅତିଥି ଭାବେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀ, ଜିଲ୍ଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଜିଲ୍ଲା ଛାତ୍ର ସଭାପତି ଶୁଭ୍ରାଂଶୁ ପାଢ଼ୀ, ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜିକା କବିତା ପୁରୋହିତ, ରାଜ୍ୟ ଛାତ୍ର କାର୍ଯ୍ୟକାରୀ ସଭାପତି ରାଜେଶରାଜ ସ୍ୱାଇଁ, ସମ୍ବଲପୁର ଜୋନ୍ ସାଧାରଣ ସମ୍ପାଦକ ସୁଧିର ପଣ୍ଡା, ସମ୍ବଲପୁର ନିର୍ବାଚନୀ କୋଅର୍ଡିର୍ନେଟର ଦେବୀ ଲେଙ୍କା, ଜିଲ୍ଲା ଯୁବ ଉପସଭାପତି ମଞ୍ଜୁ ଓରାମ, ସଞ୍ଜୟ ଗୌଡ଼, ଦେବେନ୍ଦ୍ର ପ୍ରଧାନ, ଜିଲ୍ଲା ଯୁବ ସମ୍ପାଦକ ଉତ୍ତମ ବାଗ, ପ୍ରଦୀପ ମିଶ୍ର, ଗୋପବନ୍ଧୁ ମହାନନ୍ଦ, ନିରଞ୍ଜନ ମହାପାତ୍ର, ସୁରେନ୍ଦ୍ର ବିଶ୍ୱାଳ, ରୁବେନ ଛତ୍ରିଆ, ଶାନ୍ତିଲତା କର, ଗୀରିଶ ରାଉତ, ସୂର୍ଯ୍ୟକାନ୍ତ ସ୍ୱାଇଁ, କାଳିଆ ମହାନ୍ତି, ବୁଲୁ ପାଣିଗ୍ରାହୀ, ଧିର, ଏ. ଶ୍ୟାମ, ବୀଭିଷଣ ବିଶାର, କେଶବ ମେହେର, ଅମିତ ସିଂ, ପ୍ରଦୀପ ବଢେଇଙ୍କ ସହ ଅନ୍ୟ ସମସ୍ତ ନେତୃ ବୃନ୍ଦ ସହଯୋଗ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାର ପକ୍ଷରୁ ଡାକ୍ତର ରାଧାମୋହନ ଘରେଇ, ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ, ରୋଜାଲିନ ନାୟକ, କରୁଣାକର ସାହୁ, ମଧୁସ୍ମିତା ଦାସ ପ୍ରମୁଖ ସହଯୋଗ କରିଥିଲେ। ସର୍ବମୋଟ ୧୦୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।



# ରୁଚିଦା ସୀମାନ୍ତରେ ପୁଲିସ ଚେକିଂ



**ଅମ୍ବାଭୋନା, ୨୫।୪(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ସୀମାନ୍ତ ରୁଚିଦା ନାକା ପୋଷ୍ଟ ଠାରେ ଗୁରୁବାର ଅମ୍ବାଭୋନା ପୁଲିସର ଚେକିଂ ଚାଲିଥିଲା। ସାଧାରଣ ନିର୍ବାଚନ ପ୍ରକ୍ରିୟାକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବାକୁ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅମ୍ବାଭୋନା ଥାନାଧିକାରୀ ବିପିନ ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅମ୍ବାଭୋନା ପୁଲିସ ତରଫରୁ ବ୍ୟାପକ ଚେକିଂ ଚାଲିଥିଲା। ଅମ୍ବାଭୋନା ସବ ଇନ୍ସପେକ୍ଟର ତୁଳସୀରାମ ଶବର ଓ ପୁଲିସ କର୍ମଚାରୀ ଏହି ଚେକିଂ ସମୟରେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଖରାରେ ସିଝୁଛି ବରଗଡ଼; ଜନଜୀବନ ଅସ୍ତବ୍ୟସ୍ତ

**ବରଗଡ଼, ୨୫।୪(ସମିସ)**

ବରଗଡ଼ ସହର ତଥା ସମଗ୍ର ଜିଲ୍ଲାରେ ଗତ କିଛି ଦିନ ହେବ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସକାଳ ୧୦ ଟାରୁ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ପ୍ରଚଣ୍ଡ ତାତି ସହିତ ଗୁଳୁଗୁଳି ଅସହ୍ୟ ହେଉଛି। ଅନ୍ୟପଟେ ଘନଘନ ବିଦ୍ୟୁତ ବିଭ୍ରାଟ ପରିସ୍ଥିତିକୁ ଅଧିକ ଜଟିଳ କରିଛି। ଗତ କିଛି ଦିନ ହେବ ବରଗଡ଼ରେ ଗ୍ରୀଷ୍ମପ୍ରବାହ ବଢ଼ିବାକୁ ଲାଗିବା ସହ ଜିଲ୍ଲାର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି। ଅସହ୍ୟ ଗରମ ଏବଂ ଗୁଳୁଗୁଳି ଯୋଗୁଁ ଲୋକେ ଘରୁ ବାହାରୁ ନାହାନ୍ତି। ଫଳରେ ସକାଳ ୧୦ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ସେହିପରି ଜରୁରୀ କାମରେ କେହି



ଘରୁ ବାହାରିଲେ ଗାମୁଛା, ଛତା, କଳା ଚଷମା ଆଦି ବ୍ୟବହାର କରୁଥିବା ବେଳେ ଲସି, ସରବତ, ଆଖୁ ରସ ଆଦିର ଚାହିଦା ବେଶ ବୃଦ୍ଧି ପାଇଛି। ତେବେ ଜିଲ୍ଲାରେ ବ୍ୟାପକ ଗଛକଟା ସହ କଂକ୍ରିଟକରଣ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜିଲ୍ଲାର ନଦୀ ନାଳ, ବହୁ ବନ୍ଧ ପୋଖରୀ ଶୁଷ୍କ ଅବସ୍ଥାରେ ପଡ଼ିରହିଛି। କେତେକ ସ୍ଥଳରେ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳୁଛି। ବିଶେଷ କରି ଜିଲ୍ଲାର ଅଣଜଳସେଚିତ ବ୍ଲକ ପଦ୍ମପୁର, ଗାଇସିଲେଟ, ଅମ୍ବାଭୋନା ଆଦି ଅଞ୍ଚଳର ଉପାନ୍ତ ଗାଁରେ ପାନୀୟ ଜଳ ସମସ୍ୟା ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିପକାଉଛି। ବରଗଡ଼ ଜିଲ୍ଲାରେ ଜଳସଂରକ୍ଷଣ ସହ ଭୂତଳ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯିବା ଏବଂ ବ୍ୟାପକ ମାତ୍ରାରେ ବୃକ୍ଷରୋପଣ ହିଁ ଏହାର ନିରାକରଣ ବୋଲି ପରିବେଶବିତ ମାନେ ମତ ଦେଇଛନ୍ତି। ନଚେତ ଆଗାମୀ ଦିନରେ ବରଗଡ଼ ଜିଲ୍ଲାର ତାପମାତ୍ରା ଆହୁରି ବୃଦ୍ଧି ପାଇବ। ତେଣୁ ବର୍ତ୍ତମାନ ଠାରୁ ଏହା ଉପରେ କାର୍ଯ୍ୟ କରିବା ସହ ଆଗାମୀ ଭବିଷ୍ୟତକୁ ଗ୍ରୀଷ୍ମର ତାତିରୁ ରକ୍ଷା କରାଯାଇପାରିବ ବୋଲି ମତପ୍ରକାଶ ପାଇଛି।

# ଗ୍ରୀଷ୍ମଛୁଟିରେ 'ସନ୍ଦେହମୋଚନ' ନିରନ୍ତର ଶିକ୍ଷା ପ୍ରଦାନ

**ପାଇକମାଲ, ୨୫।୪(ସମିସ):** ଭୀଷଣ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ପିଲାମାନଙ୍କ ପାଇଁ ଛୁଟି ଘୋଷଣା କରିଛନ୍ତି। ହେଲେ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାଇକମାଳର ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକଙ୍କ ଅନୁରୋଧ କ୍ରମେ ସକାଳ ୬.୩୦ ରୁ ୮.୩୦ ପର୍ଯ୍ୟନ୍ତ 'ସନ୍ଦେହ ମୋଚନ' ଶିକ୍ଷାଦାନ ଚାଲିଛି। ଯାହା ଫଳରେ ମେଧାବୀ, ଗରିବ, ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଶ୍ରେଣୀର ଛାତ୍ରୀ ମାନେ ବିଶେଷ ଉପକୃତ ହେଉଛନ୍ତି। ପ୍ରକାଶ ଥାଉକି ଏହି ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ପ୍ରତ୍ୟେକ ଶିକ୍ଷାବର୍ଷରେ ଦଶହରା, ବଡ଼ଦିନ, ଗ୍ରୀଷ୍ମକାଳୀନ ଛୁଟି ସହିତ ରବିବାର ଦିନ ମାନଙ୍କରେ ଶିକ୍ଷା ଦାନ ଦେଉ ଥିବାରୁ ପ୍ରାୟତଃ ୧୫ କିମି ଦୂରରୁ ପିଲା ବିଦ୍ୟାଳୟକୁ ଆସିଥାନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକଙ୍କ ଅକ୍ଲାନ୍ତ ପରିଶ୍ରମ ଫଳରେ ଦୀର୍ଘ ୯ବର୍ଷ ଧରି ଶହେ ଶତକଡ଼ା ରେଜଲ୍ଟ ସହିତ ଗୁଣା।ତ୍ମକ ପରୀକ୍ଷା ଫଳ ମିଳୁଛି।

## ■ ପୁଝାରିପାଲି ଅଙ୍ଗ ନଦୀବନ୍ଧ ପ୍ରତିରୋଧ କମିଟିର ସାଧାରଣ ବୈଠକ

# ଡ୍ୟାମ ସପକ୍ଷବାଦୀ ଗୋବର୍ଦ୍ଧନ ଭୁଏଙ୍କୁ ତୀବ୍ର ବିରୋଧ



**ପଦ୍ମପୁର, ୨୫।୪(ସମିସ):** ପଦ୍ମପୁର ଅନ୍ତର୍ଗତ ସରଇକେଲା ଗ୍ରାମପଞ୍ଚାୟତର ସମ୍ବଲପୁରୀ ଗ୍ରାମରେ ପୁଝାରିପାଲି ଅଙ୍ଗ ପ୍ରତିରୋଧ କମିଟିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡ୍ୟାମ ସପକ୍ଷବାଦୀ ଭାଜପା ବିଧାନସଭା ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏଙ୍କୁ ଚବିଶଖଣ୍ଡ ବୁଢ଼ିଗ୍ରାମକୁ ପ୍ରବେଶ ନିଷେଧ ସହ ତାଙ୍କୁ ଭୋଟ ନ ଦେବା ନେଇ ପ୍ରସ୍ତାବ ଗ୍ରହଣ ହୋଇଥିଲା। ଗତ କିଛି ଦିନ ତଳେ ଶ୍ରୀ ଭୁଏ ବୁଢ଼ି ଅଞ୍ଚଳର ସରଇକେଲା ଗ୍ରାମକୁ ଯାଇଥିବା ବେଳେ ତାଙ୍କ ସହିତ ଫଟୋ ଉଠାଇ ସମ୍ବର୍ଦ୍ଧନା ଦେଇଥିବା ଲୋକଙ୍କ ପ୍ରତି ବୈଠକରେ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଫଳରେ ସେମାନେ ଏହି ବୈଠକରେ ଯୋଗଦେଇ କ୍ଷମା ମାଗିଥିଲେ। ବୈଠକରେ ପୁଝାରୀପାଲି ଅଙ୍ଗନଦୀ ବନ୍ଧ ପ୍ରତିରୋଧ କମିଟିର ସମ୍ପାଦକ ଆଇନଜୀବୀ କେଶବ ସାହୁ, ପୂର୍ବତନ ସଭାପତି ମଧୁସୂଦନଦାସ, ପ୍ରଭାତସହୁ, ପାନଲାଲ ନାଏକ, ଗୋଲକ ପ୍ରଧାନ, ପ୍ରକାଶ ପ୍ରଧାନ, ଚରଦାପାଲି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗିରିଶ ନାୟକ, ସାରାଇକେଲା ଗ୍ରାମପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ପଟେଲ, ସୀତାନାଥସାହୁ, ଅରକ୍ଷିତ ପ୍ରଧାନ, ସୁଶାନ୍ତ ସାହୁ, ସୁନୀଲ ଅଗ୍ରୱାଲ ପ୍ରମୁଖ ଶ୍ରୀ ଭୁଏଙ୍କୁ ତୀବ୍ର ସମାଲୋଚନା କରିବା ସହିତ ବୁଡି ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ ନଦୀବନ୍ଧ ସପକ୍ଷବାଦୀଙ୍କ ବିରୁଦ୍ଧରେ ରାଲି କରିବା ପାଇଁ ଆହ୍ୱାନ କରିଥିଲେ। ଏହାପରେ ସମ୍ବଲପୁରୀ ଗ୍ରାମର ଜନସାଧାରଣଙ୍କୁ ନେଇ ଏକ ରାଲି ଅନୁଷ୍ଠିତ ହୋଇଥିଲା।

# ପଦ୍ମପୁର ସହରରେ ସୁଧୁରୁନାହିଁ ରାସ୍ତା ଓ ଡ୍ରେନ ସମସ୍ୟା

**ପଦ୍ମପୁର, ୨୫।୪(ସମିସ):** ପଦ୍ମପୁର ସହରରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ସହିତ ଯାନବାହନ ଚଳାଚଳ ମଧ ବୃଦ୍ଧି ପାଇବାରେ ଲାଗିଛି। ବର୍ଷସାରା ମରାମତି କରିବା ସତ୍ତ୍ୱେ ସହରର ବିକାଶ ଅସଜଡା



ହୋଇ ରହିଛି। ଯାହାକୁ ନେଇ ଜନସାଧାରଣ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ସହରର ପ୍ରମୁଖ ବଜାରର ପେଣ୍ଠସ୍ଥଳ କୁହାଯାଉଥିବା ପୁରୁଣାବସ୍ତି ରାସ୍ତା ଓ ଭେଉଁରିଆଛକ ରାସ୍ତା ଦୀର୍ଘ ଦିନ ହେବ ଖରାପ ହୋଇପଡ଼ିଛି। ଏହି ରାସ୍ତା ସହରର ପ୍ରମୁଖ ରାସ୍ତା ହୋଇଥିବା ବେଳେ ପ୍ରତିଦିନ ଶହଶହ ଯାନବାହନ ଚଳାଚଳ ହେଉଛି ମାତ୍ର ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇପଡ଼ିଛି। ସହରର ବିଭିନ୍ନ ଗଳି ରାସ୍ତାରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲେ ମଧ ନିମ୍ନ ମାନର କାମ ଯୋଗୁଁ କଂକ୍ରିଟ ସବୁ ଉପୁଡ଼ି ପଡୁଛି। ସେହିପରି ଶହରର ଶାନ୍ତିନଗର, ଜ୍ୟୋତିନଗର, ବଡ଼ବନ୍ଧପଡ଼ା, ଗଲିପଡ଼ାରେ ବର୍ଷ ସାରା ଡ୍ରେନ ସମସ୍ୟା ଲାଗି ରହିଥିବା ବେଳେ ଡ୍ରେନ ଆବର୍ଜନାରେ ଅବରୋଧ ହୋଇ ଡ୍ରେନ ପାଣି ରାସ୍ତାରେ ଲହଡ଼ି ମାରୁଛି। ସେହିପରି ଅନେକ ସ୍ଥାନରେ ଜବରଦଖଲ ଯୋଗୁଁ ରାସ୍ତା ସଂକୁଚିତ ହେବାକୁ ଲାଗଛି। ଏନଏସି କର୍ତ୍ତୃପକ୍ଷ ବର୍ଷ ସାରା କୋଟି କୋଟି ଟଙ୍କା ବ୍ୟୟକରୁଥିବା ବେଳେ ପରିଚାଳନାଗତ ତ୍ରୁଟି ଯୋଗୁଁ ଏହି ସମସ୍ୟା ଲାଗିରହିଛି ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ବର୍ଷା ଆସିବା ପୂର୍ବରୁ ଡ୍ରେନେଜ ସମସ୍ୟା ଓ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ସହର ବାସିନ୍ଦା ଦାବି କରିଛନ୍ତି।

# ଝାରବନ୍ଧ ଅଞ୍ଚଳରେ ଆପ୍ ପକ୍ଷରୁ ପ୍ରଚାର



**ପଦ୍ମପୁର, ୨୫।୪ (ସମିସ):** ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାରବନ୍ଧ ବ୍ଲକର ଗୋଠୁଗୁଡା ପଞ୍ଚାୟତର ସରପଞ୍ଚ ପ୍ରିତମ ନାଏକ ନେତୃତ୍ୱରେ ଆଜି କୁର୍ଲୁପାଲି, ଦାପପାଲି, ଉରଇଦାଦର, ଜାମଜୋରୀ, ଲୋହରସିଂ, କଟାପଡ଼ା, ଭଇସାଧରା, ଚିପାଝର ପ୍ରଭୃତି ଗ୍ରାମ ମାନଙ୍କରେ ଆମ ଆଦମୀ ପାର୍ଟି ପକ୍ଷରୁ ଘରକୁ ଘର ସଚେତନ କରାଯିବା ଦେଖିବାକୁ ମିଳିଛି। ଆମ ଆଦମୀ ପାର୍ଟିର କାର୍ଯ୍ୟକର୍ତ୍ତା ମାନେ ବହୁ ଉତ୍ସାହର ସହ ବିଧାୟକ ପ୍ରାର୍ଥୀ ବାଲ୍ମିକୀ ନାଏକଙ୍କ ପାଇଁ ପ୍ରଚାର କରୁଛନ୍ତି।

# ରାଜ୍ୟ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ସଦସ୍ୟ ହେଲେ ଚୈତନ୍ୟ ପାଇକ



**ବରଗଡ଼, ୨୫।୪(ସମିସ):** ରାଜ୍ୟ ବିଜେଡି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟରେ ନିଯୁକ୍ତି ପାଇଥିବା ପାଞ୍ଚ ଜଣ ବରିଷ୍ଠ କଳାକାରଙ୍କ ମଧ୍ୟରେ ରାଜ୍ୟ ତଥା ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକ ନିଯୁକ୍ତି ପାଇଛନ୍ତି। ତାଙ୍କୁ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ଶ୍ରୀ ପାଇକଙ୍କୁ ବରଗଡ଼ରେ ବିଜେଡି ଟାଉନ ସଭାପତି କିଶୋର ମିଶ୍ରଙ୍କ ସମେତ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, ବିଶିଷ୍ଟ କଣ୍ଠଶିଳ୍ପୀ ବାଲେଶ୍ୱର କୁଅଁର, ଜିଲ୍ଲା ବାରିକ ସମାଜ ସଭାପତି ରୋହିତ ବାରିକ, ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ, ସନ୍ତୋଷ ସାହୁ, ଡୋଳାମଣି ଶତପଥି, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ। ପଶ୍ଚିମାଞ୍ଚଳ କଳାକାରଙ୍କ ଉନ୍ନତି ପାଇଁ ଅଗ୍ରାଧିକାର ଭିତ୍ତିରେ କାମ କରିବେ ବୋଲି ନବ ନିଯୁକ୍ତ ସଦସ୍ୟ ଶ୍ରୀ ପାଇକ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ଶ୍ରୀ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବିଜେଡିର ମିଶ୍ରଣ ପର୍ବ



**ବରଗଡ଼, ୨୫।୪(ସମିସ):** ବରପାଲି ବ୍ଲକ ଅନ୍ତର୍ଗତ ଲେଣ୍ଡା ଗ୍ରାମ ପଞ୍ଚାୟତର ବହୁ ଯୁବକ ଗୁରୁବାର ବିଜୁ ଜନତା ଦଳରେ ଯୋଗଦାନ କରି ବରଗଡ଼ ବିଧାନସଭା ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଓ ସାଂସଦ ପ୍ରାର୍ଥୀ ପରିଣିତା ମିଶ୍ରଙ୍କୁ ବିପୁଳ ସମର୍ଥନ ଜଣାଇଛନ୍ତି। ଗଣେଶ ପ୍ରଧାନ, ତୁଳସୀ ଦାସ, ଅଜିତ ପଧାନ, ରାକେଶ ପ୍ରଧାନ, ଆକାଶ ସାହୁ, ରାଜା ପ୍ରଧାନ, ସଂଗ୍ରାମ ପ୍ରଧାନ, ଜିତୁ ସାହୁ, ବିକି ପ୍ରଧାନ, ଟିମନ୍ ସାହୁ, ବିଶ୍ୱଜିତ୍ ପ୍ରଧାନ, ନାଟୁ ସାହୁ, ଉଦର ବାଗ, ବିକୁ ପ୍ରଧାନଙ୍କ ସମେତ ବହୁ ଯୁବକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବିଜୁ ଜନତା ଦଳ ପାଇଁ ନିଷ୍ଠାର ସହିତ କାମ କରିବେ ବୋଲି ସଂକଳ୍ପ ନେଇଥିଲେ। ଏହି ଅବସରରେ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗ ଦେଇଥିବା ସମସ୍ତ ଯୁବକମାନଙ୍କୁ ବିଜୁ ଜନତା ଦଳ ତରଫରୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଓ ଆଶୀର୍ବାଦ କାମନା କରିଥିଲେ।

## ଆଇଆଇଟି-ଜେଇଇ(ମେନ୍) ୨୦୨୪ ପ୍ରବେଶିକା ପରୀକ୍ଷା

# କ୍ରିଷ୍ଣା ବିକାଶର ୩୩ ଛାତ୍ରଛାତ୍ରୀ ୯୫ ପ୍ରତିଶତ ଊର୍ଦ୍ଧ୍ୱରେ



**ବରଗଡ଼, ୨୫।୪(ସମିସ)**

ସଦ୍ୟ ପ୍ରକାଶିତ ଆଇଆଇଟି-ଜେଇଇ (ମେନ୍) ପ୍ରବେଶିକା ପରୀକ୍ଷାରେ କ୍ରିଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। କ୍ରିଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ରାଜ୍ୟରୁ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କ୍ରିଷ୍ଣା ବିକାଶ, ବରଗଡ଼ର ୨ଜଣ ଛାତ୍ର ୯୯ପ୍ରତିଶତ, ୮ଜଣ ଛାତ୍ରଛାତ୍ରୀ ୯୮ ପ୍ରତିଶତ, ୨୧ଜଣ ୯୭ ପ୍ରତିଶତ, ୩୩ଜଣ ୯୫ ପ୍ରତିଶତ ଏବଂ ୯୨ ଛାତ୍ରଛାତ୍ରୀ ୨୦୨୪ ଜେଇଇର ନିର୍ଦ୍ଧାରିତ କଟ୍ଅଫ୍ ପ୍ରତିଶତରୁ ଅଧିକ ମାର୍କରଖି ୨୦୨୪ ପରୀକ୍ଷା ଫଳାଫଳରେ ଶ୍ରେଷ୍ଠତ୍ୱ ହାସଲ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି। କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ (ସିନିୟର୍ ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି ପରୀକ୍ଷା ଫଳାଫଳ ବିଷୟରେ ସବିଶେଷ ବିବରଣୀ ଦେଇ କହିଛନ୍ତି ଯେ, ରିତେଶ ୯୯.୬୪୬ ପ୍ରତିଶତ, ପ୍ରିୟାଙ୍କ ୯୯.୬୪୦, ପ୍ରତୀକ ୯୮.୮୪, ସନତ ୯୮.୬୭, ଅରିନ୍ ୯୮.୫୧, ବିପ୍ରାଂଶୁ ୯୮.୩୫, ମନୀଷା ୯୮.୧, ଖୁସି ୯୮.୧୧, ସୌମ୍ୟା ୯୭.୯୪, କିରନ୍ କୁମାର ୯୭.୯୨, ଶୁଭାଶିଷ ୯୭.୯୨, ସତ୍ୟମ ସାଇ ୯୭.୯୧, ଅଫିରା ୯୭.୭୪, ଜୟନ୍ତ ୯୭.୫୧, ଶୁଭଙ୍କର ୯୭.୩୩, ଅର୍ମାନ୍ ୯୭.୨୩, ପ୍ରିତିଦେବ ୯୭.୨୦, ସ୍ୱସିତ ୯୭.୧୭, କୃଷ୍ଣାନନ୍ଦ ୯୭.୧୨, ପୋଲସ୍ତ୍ୟ ୯୭.୧୧, ମଧୁସୁଦନ ୯୭.୦୯, ଅଙ୍କିତା ୯୬.୭୯, ଚିନ୍ମୟାନନ୍ଦ ୯୬.୭୮, ପ୍ରିୟଦର୍ଶନ ୯୬.୭୧, ଓଜସ୍ୱୀ ୯୬.୪୧, ଆୟୁଷମନ୍ତ ୯୫.୯୭, ଅସୀମ ୯୫.୯୭, ରଜତ ୯୫.୯୩, ପ୍ରତ୍ୟୁଷ ୯୫.୮୧, ଆଦ୍ୟାଶା ୯୫.୩୯, ଚେତନ ୯୫.୩୬, ସୁରଜ ୯୫.୨୬, ଆୟୁଷ୍ମାନ ୯୫.୦୪ ସହ ତାଲିକାର ଶ୍ରେଷ୍ଠରେ ରହିଛନ୍ତି। ପଦାର୍ଥ ବିଜ୍ଞାନରେ ପ୍ରତୀକ ଓ ଅରିନ୍ ଉଭୟ ୧୦୦ପ୍ରତିଶତ, ପ୍ରିୟାଙ୍କ ୯୯.୯୨, ଖୁସି ୯୯.୮୯, ସୌମ୍ୟା ୯୯.୬୯, ରିତେଶ ରାଜ ୯୯.୬୮, ସନତ ୯୯.୬୪ ପ୍ରିୟଦର୍ଶନ ୯୯.୫୫, ଅସୀମ ୯୯.୪୮, ସ୍ୱସିତ ୯୯.୪୭, ପୋଲସ୍ତ୍ୟ ୯୯.୪୫, ଜୟନ୍ତ ୯୯.୧୯, ଶୁଭଙ୍କର ୯୯.୧୨ପ୍ରତିଶତ ରଖି ସଫଳ ହୋଇଥିବା ବେଳେ ରସାୟନ ବିଜ୍ଞାନରେ ସତ୍ୟମ ସାଇ ଶତପ୍ରତିଶତ, ଅରିନ୍ ୯୯.୯୪, ଓଜସ୍ୱୀ ୯୯.୮୨, ବିପ୍ରାଂଶୁ ୯୯.୮୨, ସନତ ୯୯.୭୭, ଅଫିରା ୯୯.୭୭, ପ୍ରତୀକ ୯୯.୭୦, ଖୁସି ୯୯.୭୦, ହର୍ଷିତା ୯୯.୫୯, ମନୀଷା ୯୯.୪୮, ଚିନ୍ମୟାନନ୍ଦ ୯୯.୪୭, ଶୁଭାଶିଷ ୯୯.୩୭, ଅର୍ମାନ୍ ୯୯.୩୭, ରିତେଶ ରାଜ ୯୯.୩୪ ଏବଂ ଗଣିତରେ ରିତେଶ ରାଜ ୯୯.୬୪ପ୍ରତିଶତ ଓ ପ୍ରିୟାଙ୍କ ୯୯.୬୧ ପ୍ରତିଶତ ରଖିଛନ୍ତି। ଜେଇଇ ମେନ୍ ନିର୍ଣ୍ଣାୟକ ପ୍ରବେଶିକା ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଉତ୍କୃଷ୍ଟ ସଫଳତା ପାଇଁ କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମେନ୍ ଡି.ମୁରଲୀ କ୍ରିଷ୍ଣା ବିକାଶରେ ଚାଲିଥିବା ସେଣ୍ଟ୍ରାଲାଇଜଡ୍ ଏଣ୍ଟ୍ରାନ୍ସ୍ ଏକାଡେମୀର ପାଠ୍ୟ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହିତ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ (ସିନିୟର୍ ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାଙ୍କ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଛନ୍ତି ଓ ଆଗାମୀ ଦିନରେ ହେବାକୁ ଥିବା ଆଇଆଇଟି ଜେଇଇ ଏଡ୍ଭାନ୍ସ୍ଡ୍, ଏନ୍‌ଟିଏ-ନିଟ୍ (ମେଡିକାଲ୍), ସିୟୁଇଟି, ସିଏ, କ୍ଲାଡ୍, ଏନ୍‌ଡିଏ ଏବଂ ବୋର୍ଡ ପରୀକ୍ଷା ମାନଙ୍କରେ କ୍ରିଷ୍ଣା ବିକାଶ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ସହ ଓଡ଼ିଶା ପାଇଁ ଗୌରବ ଆଣିବେ ବୋଲି ଆଶା ପୋଷଣ କରିଛନ୍ତି। କ୍ରିଷ୍ଣା ବିକାଶ ଗ୍ରୁପର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ସମସ୍ତ ସଫଳ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ■ ୯୨ ଛାତ୍ରଛାତ୍ରୀ ସଫଳ ଅରିନ୍, ପ୍ରତୀକ ଏବଂ ସତ୍ୟମ୍ ସାଇ ଶତପ୍ରତିଶତ ସହ ସଫଳତାର ଶୀର୍ଷରେ

## ■ ରିତେଶ ଓ ପ୍ରିୟାଙ୍କ ୯୯.୬୪ପ୍ରତିଶତ ସହ ସ୍କୁଲ୍ ଜେଇଇ (ମେନ୍) ଟପ୍ପର

# ରାଧାକୃଷ୍ଣ ମନ୍ଦିର ପ୍ରାଣପ୍ରତିଷ୍ଠା ଶୁଭାରମ୍ଭ

**ପଦ୍ମପୁର, ୨୫।୪ (ସମିସ):** ପଦ୍ମପୁର ଉପଖଣ୍ଡ ଗସ୍ତିଡ଼ିହି (ଟଙ୍ଗରିଆ) ଠାରେ ନବ ନିର୍ମିତ ରାଧାକୃଷ୍ଣ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଓ ଷୋହଲ ପ୍ରହର ନାମ ସଂକୀର୍ତ୍ତନ୍ୟ ସ୍ଥାପନ, ଦେବତା ପୂଜନ, ଧାନ୍ୟାଧିବାସ, ପୁଷ୍ପାଧୀବାସ, ଷୋହଲ ପ୍ରହର ନାମଯଜ୍ଞ କରାଯିବ। ପ୍ରଚଣ୍ଡ ଖରାକୁ ଆଖି ଆଗରେ ରଖି ପରିଚାଳନା କମିଟି ଛାଇ, ପାନୀୟ ଜଳ



ଯଜ୍ଞ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ପୁଷ୍କରିଣୀରୁ ୧୦୮ପୂର୍ଣ୍ଣ କଳସ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପୂଜାସ୍ଥଳୀକୁ ଅଣାଯାଇଥିଲା। ଗ୍ରାମର ସମସ୍ତ ଗ୍ରାମବାସୀ ତନମନଧନ ଦେଇ ସହଯୋଗ କରୁଛନ୍ତି। କଳସ ଯାତ୍ରା ପରେ ପୂଜାସ୍ଥଳୀରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇ ସ୍ତମ୍ଭପୂଜା କରାଯାଇଥିଲା। ପାଞ୍ଚ ଦିନ ବ୍ୟାପୀ ହେଉଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବିଗ୍ରହ ଓ ଅନ୍ନଭୋଗର ବ୍ୟବସ୍ଥା କରିଛନ୍ତି। ମନ୍ଦିର ପ୍ରତିଷ୍ଠା ପୂଜାରେ ଗୌନ୍ତିଆ ଶଙ୍କର ସାହୁ ଓ ସୁରୁଚି ସାହୁ କର୍ତ୍ତା ଭାବରେ ପୂଜାକାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଷୋହଲ ପ୍ରହରୀ ନାମ ସଂକୀର୍ତ୍ତନରେ ସୁରେନ୍ଦ୍ର ସାହୁ ଓ ବ୍ରଜେଶ୍ୱରୀ ସାହୁ କର୍ତ୍ତା ରହିଛନ୍ତି। କାର୍ଯ୍ୟକ୍ରମରେ ଗ୍ରାମବାସୀ ସମସ୍ତେ ସହଯୋଗ କରୁଛନ୍ତି। ୨୯ରେ ପୂର୍ଣ୍ଣାହୁତି ହୋମ ହେବ ବୋଲି ଆୟୋଜକ ମଣ୍ଡଳୀ ସୂଚନା ପ୍ରଦାନ କରିଛନ୍ତି।

ହ୍ରାସ ପାଉଛି କେନ୍ଦୁପତ୍ର ଉତ୍ପାଦନ

# ଜଙ୍ଗଲ ପୋଡ଼ି ସହିତ ମନରେଗା ଟ୍ରେଞ୍ଚ୍ ଖୋଳା ମୁଖ୍ୟ କାରଣ



ଦହିତା, ୨୫।୪ (ସମିସ)

କେନ୍ଦୁପତ୍ର ଉତ୍ପାଦନରେ ନାଁ କରିଥିବା ପଦ୍ମପୁର ଡିଭିଜନରେ କେନ୍ଦୁପତ୍ର ଉତ୍ପାଦନ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ପଦ୍ମପୁର ଡିଭିଜନ ଅଞ୍ଚଳର କେନ୍ଦୁପତ୍ରର ବିଶେଷ ଚାହିଦା ଥିବାବେଳେ ଏହାର ହ୍ରାସକୁ ନେଇ ତୋଳାଳି ମାନେ ଚିନ୍ତାରେ ପଡୁଛନ୍ତି। ପଦ୍ମପୁର ରେଞ୍ଜ ଅଧିନରେ ଥିବା ବୁବୁଡା, ଦହିତା, ଡ଼ଙ୍ଗା ଛଞ୍ଚା, ବୁଡେନ ସାର୍କିଲରେ ବିଗତ ବର୍ଷ ମାନଙ୍କ ତୁଳନାରେ ପତ୍ର ସଂଗ୍ରହ ହୋଇ ପାରୁନି। ଚଳିତ ବର୍ଷ ଫେବୃଆରୀ ୨୩ ରୁ ଗୋଛାକଟା ଆରମ୍ଭ ହୋଇଥିବା ବେଳେ ପତ୍ର କଅଁଳିବା ପରେ ମହୁଲ ସଂଗ୍ରହ କାରୀ ମାନେ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବାରୁ ପତ୍ର ନଷ୍ଟ ହୋଇ ଯାଉଛି। ପଞ୍ଚାୟତ ମାନଙ୍କରେ ମନରେଗା ଯୋଜନାରେ ଜଳ ସଂରକ୍ଷଣ ପାଇଁ ଜଙ୍ଗଲ ଜମି ଓ ଗୋଚର ଜମିରେ ବ୍ୟାପକ ମାତ୍ରାରେ ଟ୍ରେଞ୍ଚ ଖୋଳାଯାଉ ଥିବାରୁ ଏହି କେନ୍ଦୁପତ୍ର ଗଛ ନଷ୍ଟ ହେଉଛି ବୋଲି ତୋଳାଳି ଓ କର୍ମଚାରୀ ମତ ଦେଉଛନ୍ତି। ଯାହାକି ତୋଳାଳି ମାନଙ୍କ ରୋଜଗାର କମି ଯାଉଛି। କେନ୍ଦୁପତ୍ର ସଂଗ୍ରହ ଅଞ୍ଚଳରେ ଏହି ଟ୍ରେଞ୍ଚ ଖୋଳା କାର୍ଯ୍ୟ ବନ୍ଦ କରିବା ସହିତ ବିଭାଗୀୟ ଅଧିକାରୀ ଜଙ୍ଗଲ ନିଆଁ ରୋକିବା ପାଇଁ ଦୃଷ୍ଟି ଦେବାକୁ କେନ୍ଦୁପତ୍ର ତୋଳାଳି ମାନେ ଦାବି କରିଛନ୍ତି।

# ଜୋର ଧରୁଛି ଦେବେଶଙ୍କ ପ୍ରଚାର



**ବରଗଡ଼, ୨୫।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଦଳର ପ୍ରାର୍ଥୀ ନିର୍ବାଚନ ପ୍ରଚାର ଆରମ୍ଭ କରିଥିବା ବେଳେ ବରଗଡ଼ ବିଧାନସଭା ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ତାଙ୍କ ନିର୍ବାଚନୀ ପ୍ରଚାର ମଧ୍ୟ ଏକ ନିଆରା ଢଙ୍ଗରେ କରୁଛନ୍ତି। ବରଗଡ଼ ଓ ବରପାଲି ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ବିଗତ ଦଶ ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ତାଙ୍କ ନିଜର ଜନ ସମ୍ପର୍କ ଆଧାରରେ ଲୋକଙ୍କୁ ଭେଟୁଛନ୍ତି। ଲୋକେ ମଧ୍ୟ ତାଙ୍କୁ ବେଶ ଜନସମର୍ଥନ ଦେବା ସହିତ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି। ପ୍ରତି ଗ୍ରାମରେ ରହିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୁବ ସଂଗଠନ, କ୍ଲବର ସଦସ୍ୟ, ସଙ୍କୀର୍ତ୍ତନ ମଣ୍ଡଳୀ ତଥା ବରିଷ୍ଠ ନାଗରିକ ମାନଙ୍କୁ ଭେଟି ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ବିକାଶ ଧାରା କୁ ଆହୁରି ଗତିଶୀଳ କରିବା ପାଇଁ ଜନସାଧାରଣଙ୍କ ଆଶୀର୍ବାଦ ଲୋଡୁଛନ୍ତି। ଏହି ଅବସରରେ କଳାପାଣି, ବୁଦେଲପାଲି, ଖୁଣ୍ଟପାଲି, ଖଲିଆପାଲି, ଲେଣ୍ଡା, ଏନ୍‌ଜାମପାଲି, ବନ୍ଦା, ଖଲିଆଟିକ୍ରା, ନୂଆସରସରା, ନୂଆଗୁଡ଼େଶିରା, ରଙ୍ଗାଟିକ୍ରା, ଅମ୍ବାପତ୍ରା ଧାଙ୍ଗେର, ମହିମା ନଗର, ଗାଇସୀମା ଆଦି ବିଭିନ୍ନ ଗ୍ରାମ ଗସ୍ତ କରି ସ୍ଥାନୀୟ ଜନସାଧାରଣଙ୍କୁ ଭେଟି ବିଜୁ ଜନତା ଦଳ ପାଇଁ ଆଶୀର୍ବାଦ କାମନା କରିଛନ୍ତି। ତେବେ ଏହି ସବୁ ଗ୍ରାମରେ ଦେବେଶଙ୍କ ପ୍ରତି ବିପୁଳ ଜନସମର୍ଥନ ମିଳୁଥିବା ବିଜେଡି ପକ୍ଷରୁ କୁହାଯାଇଛି।

# ପପଙ୍ଗା ପାହାଡ଼ରେ ବୁଢାରଜା ଓ କ୍ଷେତ୍ରପାଳଙ୍କ ବନବିହାର ଯାତ୍ରା ସମ୍ପନ୍ନ

**ଭେଡେନ, ୨୫।୪(ସମିସ):** ଭେଡେନ ବ୍ଲକ ଐତିହାସିକ ପର୍ଯ୍ୟଟନ ସ୍ଥଳୀ ପପଙ୍ଗା ପାହାଡ଼ରେ ବୁଢାରାଜା ଓ କ୍ଷେତ୍ରପାଳଙ୍କ ବନବିହାର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପପଙ୍ଗା ପାହାଡ଼ ହେଉଛି ଉକ୍ତ ଅଞ୍ଚଳର ଆରାଧ୍ୟ ଦେବତା ବୁଢାରାଜା ଓ ଦେବୀ କ୍ଷେତ୍ରପାଳଙ୍କ ଲୀଳା କ୍ଷେତ୍ର ଭାବେ ପରିଚିତ। ପ୍ରତିବର୍ଷ ରକ୍ଷୁଡାରେ ଦେବୀ କ୍ଷେତ୍ରପାଳ ଛତ୍ର ଭାବେ ଉଭାହୋଇ ବିଭିନ୍ନ ଗ୍ରାମ ମାନଙ୍କରେ ଘରକୁ ଘର ଯାଇ ପୂଜା ପାଇଥାନ୍ତି। ଠିକ ସେହିପରି ବୁଢାରାଜା ମଧ୍ୟ ଚୈତ୍ର ପୂର୍ଣ୍ଣିମା ଅବସରରେ ନିଜ ପୀଠରୁ ବାହାରି ସ୍ଥାନୀୟ ଅଞ୍ଚଳରେ ଘରେ ଘରେ ପୂଜା ପାଇଥାନ୍ତି। ଉଭୟ ବୁଢାରଜା ଓ କ୍ଷେତ୍ରପାଳ ମନ୍ଦିରକୁ ପହଞ୍ଚିଲା ପରେ ଉଭୟଙ୍କୁ ବାଟ ବରଣ କରାଯାଇ ଏକ ଶୋଭାଯାତ୍ରାରେ ପାହାଡ଼ ଶୀର୍ଷରେ ଥିବା ଥିବା ତାଙ୍କ ଆସ୍ଥାନକୁ ନିଆ ଯାଇଥାଏ। ଏହି ଯୁଗଳ ଦର୍ଶନ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦାନ କରି ଦର୍ଶନ କରିଥାନ୍ତି। ଏହି ପୂଜାରେ ଭବାନୀ ଦେହେରି, ଅଜିତ ଦେହେରି, ନରୋତ୍ତମ ଦେହେରି, ରଞ୍ଜିତ ଦେହେରି, ଶ୍ରୀଧର ଦେହେରି, ଚନ୍ଦ୍ର ଶେଖର ଦେହେରି, ଖମାର ଦେହେରି, ବିକି ଦେହେରି ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ହଜାର ହଜାର ଲୋକ ଯୋଗଦେଇ ଯୁଗଳ ଦର୍ଶନ କରିଥିଲେ।

# ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ




**ବରଗଡ଼, ୨୫।୪(ସମିସ):** ବିକାଶ ନର୍ସିଂ କଲେଜ ଦ୍ୱାରା ଗୁରୁବାର ବରାହାଗୁଡ଼ାର ଅଙ୍ଗନୱାଡ଼ି ସ୍ୱାସ୍ଥ୍ୟକର୍ମୀ ମାନଙ୍କ ସହଯୋଗରେ ବିଶ୍ୱ ମ୍ୟାଲେରିଆ ଦିବସ ଉପଲକ୍ଷେ ସଚେତନତା କର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଥିଲା 'ଅଧିକ ନ୍ୟାୟ ସମ୍ମାନ ବିଶ୍ୱ ପାଇଁ ମ୍ୟାଲେରିଆ ବିରୋଧରେ ଲଢେଇକୁ ତ୍ୱରାନ୍ୱିତ କରିବା। ଉକ୍ତ ବିଷୟବସ୍ତୁକୁ ଆଧାର କରି ମ୍ୟାଲେରିଆ ନିରାକରଣ ଉପରେ ଆଧାରିତ ଏକ କ୍ଷୁଦ୍ର ନାଟକ ବିକାଶ ନର୍ସିଂ କଲେଜର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ବିକାଶ ନର୍ସିଂ କଲେଜର ସ୍ୱାଗତିକା ପଧାନ ଏବଂ ନିର୍ମଳା ବୀରୁଙ୍କ ତତ୍ତ୍ୱାବଧାନରେ ନର୍ସିଂ କଲେଜର ଛାତ୍ରଛାତ୍ରୀ ସମେତ ଅଙ୍ଗନଓ୍ୱାଡି ସ୍ୱାସ୍ଥ୍ୟ କର୍ମୀ ମାନେ ଘରେ ଘରେ ଯାଇ ମ୍ୟାଲେରିଆ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦାନ କରିଥିଲେ ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ଲାକାର୍ଡ ତଥା ସ୍ଲୋଗାନ ମାଧ୍ୟମରେ ରାଲି କରାଯାଇଥିଲା।

# ବିଜେପିରୁ ସିଦ୍ଧାର୍ଥ ମିଶ୍ରଙ୍କ ଇସ୍ତଫା



**ପଦ୍ମପୁର, ୨୫।୪ (ସମିସ):** ପଦ୍ମପୁର ଅଞ୍ଚଳର ବରିଷ୍ଠ ବିଜେପି ନେତା ସିଦ୍ଧାର୍ଥ ଶଙ୍କର ମିଶ୍ର ଆଜି ଭାରତୀୟ ଜନତା ପାର୍ଟିର ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପଠାଇ ଦେଇଛନ୍ତି। ଦଳ ତାଙ୍କୁ ଅଣଦେଖା କରିବାରୁ ସେ ଇସ୍ତଫା ଦେଇଥିବା କହିବା ସହିତ ଆଗକୁ ଅଣ କଂଗ୍ରେସ ରାଜନୀତିରେ ରହିବେ ବୋଲି କହିଛନ୍ତି।

ଦେବଗଡ଼ ବିଧାନସଭା ମଣ୍ଡଳୀ

# ମହିଳା ପୋଲିଙ୍ଗ ଓ ପ୍ରିଜାଇଡିଙ୍ଗ ଅଧିକାରୀଙ୍କୁ ତାଲିମ

**ଦେବଗଡ଼, ୨୫।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପାଇଁ ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ୩୩୮ ବୁଥ୍‌ରୁ ୪୦ଟି ସଖୀ ବୁଥ୍‌ରେ ନିଯୁକ୍ତି ହୋଇଥିବା ମହିଳା ପୋଲିଙ୍ଗ ଓ ପ୍ରିଜାଡିଙ୍ଗ ଅଧିକାରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। ଗୁରୁବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ସୂର୍ଯ୍ୟକାନ୍ତ ବରିହା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଶୁଶ୍ରୀ ରେଖା ମହନ୍ତ, ତାପସ ମହାନ୍ତ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ୍ ବାରା ପ୍ରମୁଖଙ୍କୁ ପର୍ଯ୍ୟାୟକ୍ରମେ ତାଲିମ୍ ପ୍ରଦାନ ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ଶିବିରରେ ୭୩ ଜଣ ମହିଳା ପୋଲିଙ୍ଗ ଅଧିକାରୀ ଓ ପ୍ରିଜାଡିଙ୍ଗ ଅଧିକାରୀଙ୍କୁ ମଧ୍ୟରୁ ୨୮ ଜଣ ମହିଳା ପ୍ରିଜାଡିଙ୍ଗ ଅଧିକାରୀ ଓ ୪୫ ଜଣ ମହିଳା ପୋଲିଂ ଅଧିକାରୀ ସାଧାରଣ ନିର୍ବାଚନ ପରିଚାଳନା ନିଜ ନିଜ ଦାୟିତ୍ୱ କିପରି ନିର୍ଭୁଲ୍ ଭାବେ ତୁଲାଇବେ ସେ ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଇଛି। ପୋଲିଙ୍ଗ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ବୁଥ୍ ପର୍ଯ୍ୟନ୍ତ ଯିବେ ଓ ବୁଥ୍‌ରେ କେଉଁ ଅଧିକାରୀଙ୍କ କ'ଣ କାର୍ଯ୍ୟ ତାହା ବୁଝା ଯାଇଛି। ଭୋଟ ଗ୍ରହଣ ଦିନ ଶାନ୍ତି ଶୃଙ୍ଖଳା ସହ ଭୋଟଦାନ ପ୍ରକ୍ରିୟା କିପରି କରାଯିବ, ସେକ୍ଟର ଅଧିକାରୀଙ୍କ ସହ କିପରି ଯୋଗାଯୋଗ ରଖି ସୂଚନା ଦେବାକୁ ହେବ, ଇଭିଏମ୍, ଭିଭିପାଟ କିପରି ସଂଯୋଗ କରାଯିବ, କଣ୍ଟ୍ରୋଲ ୟୁନିଟ କାର୍ଯ୍ୟ ଆଦି ନେଇ ତାଲିମ ଦିଆଯାଇଛି। ପ୍ରତ୍ୟେକ ମହିଳା ପୋଲିଙ୍ଗ ଅଧିକାରୀ ନିଜ ନିଜର ଦାୟିତ୍ୱ ସୂଚାରୁରୂପେ ତୁଲାଇବା ସହ ଗଣତନ୍ତ୍ରର ପବିତ୍ର କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନା କରିବା ପାଇଁ ପ୍ରଶିକ୍ଷଣ ଶିବିରରେ କୁହାଯାଇଛି।

# ବନ୍ଧ୍ୟା ଦୋଷ ଏବଂ ଏଚ୍‌ପିଭି ସଚେତନତା ଅଭିଯାନ

**ଥୁଆପାଲି, ୨୫।୪(ସମିସ):** ବରଗଡ଼ ଜିଲ୍ଲା ରେମଣ୍ଡା ବୀରସୁରେନ୍ଦ୍ର ସାଏ କ୍ଲବ ପରିସରରେ ବନ୍ଧ୍ୟା ଏବଂ ଏଚ୍‌ପିଭି ଟୀକାକରଣ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ପୂର୍ବତନ ସରପଞ୍ଚ ରାମେଶ୍ୱରୀ ନନ୍ଦ ମୁଖ୍ୟ ଅତିଥି ଭାବେ ଡା. ଶକ୍ତି କୁମାର ତ୍ରିପାଠୀ, ଫର୍ଟିଲିଟି ଏବଂ ଏଚ୍‌ପିଭି ବିଶେଷଜ୍ଞ ଯୋଗଦେଇଥିଲେ। ଏହି ସମୟରେ ଡା. ତ୍ରିପାଠୀ ବନ୍ଧ୍ୟା ଓ ଏଚ ପି ଭି ଉପରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ବିସ୍ତୃତ ଭାବେ ବର୍ଣ୍ଣନା କରି ରୋଗୀ ମାନଙ୍କୁ ଦେଖିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଡା. ରାମ ନାରାୟଣ ଶତପଥୀ, ଡା. ସୁରେନ୍ଦ୍ର ମୋହନ ନାୟକ, ଭେଡେନ ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ରେମଣ୍ଡା ପେକ୍ସ ସଭାପତି ଶିବପ୍ରସାଦ ଖମାରୀ, ପ୍ରହଲ୍ଲାଦ ମେହେର, ଆଲୋକ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରେମଣ୍ଡା ଗ୍ରାମର ବହୁ ସଂଖ୍ୟାରେ ମହିଳା, ପୁରୁଷ ସମେତ ଅଙ୍ଗନବାଡି ଦିଦି ଓ ଆଶା ଦିଦି ମାନେ ଯୋଗ ଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଦୁର୍ଗା ମାଧବ ତ୍ରିପାଠୀ। ପରିଶେଷରେ ସଞ୍ଜୟ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଦା ପଞ୍ଚାୟତର ଶତାଧିକ ବିଜେପି କର୍ମୀଙ୍କ ବିଜେଡିରେ ଯୋଗଦାନ



**ବରଗଡ଼, ୨୫।୪(ସମିସ):** ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବରଗଡ଼ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ବରିଷ୍ଠ ବିଜେଡି ନେତା ସୁରଥ ପ୍ରଧାନ ପୂର୍ବତନ ସରପଞ୍ଚ ଜୟ କିଶନ ଭେସ୍ରା ପ୍ରମୁଖଙ୍କ ଉପସ୍ଥିତିରେ ବନ୍ଦା ଗ୍ରାମ ପଞ୍ଚାୟତର ବିଜେପି ଯୁବ ନେତା ରମେଶ ପାତ୍ର, ଅରବିନ୍ଦ ପ୍ରଧାନ, କୃପାସିନ୍ଧୁ ରାଣା, କାଳିଆ ପାଣିଗ୍ରାହୀ, ନାରାୟଣ ପ୍ରଧାନ, ପିଣ୍ଟୁ ବିଶିଙ୍କ ସମେତ ତାଙ୍କ ଶତାଧିକ ସମର୍ଥକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ବରଗଡ଼ ବିଧାୟକ ଦେବେଶଙ୍କ ନେତୃତ୍ୱରେ ପ୍ରଭାବିତ ହୋଇ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ଆଗାମୀ ଦିନରେ ବିଜୁ ଜନତା ଦଳର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିବା ସହ ଦଳକୁ ସୁଦୃଢ଼ କରିବା ପାଇଁ ସଂକଳ୍ପ ନେଇଥିଲେ। ଏହି ଅବସରରେ ବିଜୁ ଜନତା ଦଳ ବରଗଡ଼ ତରଫରୁ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା।

# ଜିଲ୍ଲା କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ




**ବରଗଡ଼, ୨୫।୪(ସମିସ):** ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ୨୩ ଓ ୨୪ ତାରିଖ ଦୁଇ ଦିନ ଧରି ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଜିଲ୍ଲା କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। କ୍ରୀଡ଼ା ସଂସଦର ଉପ-ସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ତଥା ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ତଥା ଏପିକଲର ଅଧ୍ୟକ୍ଷ ପ୍ରଭାତଆଦିତ୍ୟ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ରୀଡ଼ା ସଂସଦର ସମ୍ପାଦକ କିଶୋର କୁମାର ମିଶ୍ର, କ୍ରୀଡା ସମ୍ପାଦକ ହରଦୀପ ସିଂ, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ କ୍ଲବ, ସ୍କୁଲ, କଲେଜ ଓ ଅନୁବନ୍ଧିତ କ୍ରୀଡ଼ା ସଂଗଠନର ପ୍ରାୟ ୫୦୦ ରୁ ଊର୍ଦ୍ଧ୍ୱ ଖେଳାଳୀ, କ୍ରୀଡ଼ା ଶିକ୍ଷକ ଯୋଗଦେଇ ପ୍ରତିଯୋଗିତାକୁ ସଫଳ କରିଥିଲେ।

# କୋଶଳ ସଙ୍ଗୀତ ପାଇଁ ସାମ୍ବାଦିକ ସମ୍ମିଳନୀ




**ବରଗଡ଼, ୨୫।୪(ସମିସ):** ବରଗଡ଼ ଏସପି ଏଣ୍ଟରଟେନମେଣ୍ଟ ତରଫରୁ କୋଶଳ ସଙ୍ଗୀତ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସମ୍ମିଳନୀରେ ପଦ୍ମଶ୍ରୀ ହଲଧର ନାଗ, ପଦ୍ମଶ୍ରୀ ଭାଗବତ ପ୍ରଧାନ, କବି ତଥା ଆଇନଜୀବୀ ଗୋରେକନାଥ ସାହୁ, ପ୍ରଫେସର ମୀନାକୁମାରୀ ମହାରଣା, କୋଶଳ ସଂଗ୍ରାମୀ ଆକାଶ ପଣ୍ଡା, ଅଧ୍ୟାପିକା ରଶ୍ମିରେଖା ବାରିକ, ଏସପି ଏଣ୍ଟରଟେନମେଣ୍ଟର ମୁଖ୍ୟ ସୀତାରାମ ଭୋଇ, ଉପଦେଷ୍ଟା ଗଜରାଜ ମହାକୁର, ନିର୍ଦ୍ଦେଶକ ହୀରା ମହାକୁର ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ହଲଧର ନାଗଙ୍କ ରଚିତ ତଥା ପଙ୍କଜ ଜାଲଙ୍କ କଣ୍ଠ ଓ ସଙ୍ଗୀତରେ ନିର୍ମିତ କୋଶଳ ମାଟିର ଜଏ ଜଏ ଗୀତକୁ କୋଶଳ ସଙ୍ଗୀତ ଭାବରେ କିପରି ଭିଡିଓଗ୍ରାଫି କରାଯାଇ ପାରିବ ସେ ଉପରେ ବିଶଦ ଭାବେ ସୂଚନା ଦିଆଯାଇଥିଲା।

ପପଙ୍ଗା ପାହାଡ଼ ମହୋତ୍ସବ ଉଦ୍‌ଘାଟିତ

# ଢ଼ୋଲ-ନିଶାନ୍‌ରେ ଦୁଲକିଲା ଛବିଳ ସାଏ ମଣ୍ଡପ

ଭେଡେନ, ୨୫।୪(ସମିସ)

ଭେଡେନ ବ୍ଲକ ପପଙ୍ଗା ପାହାଡ଼ ମହୋତ୍ସବ ୨୦୨୪ ଅନୁଷ୍ଠାନିକ ଭାବରେ ଉଦଘାଟିତ ହୋଇଯାଇଛି। ମୃତ୍ୟୁଞ୍ଜୟ ରଥ ମଞ୍ଚ ସଞ୍ଚାଳନ କରିଥିବା ବେଳେ ପର୍ଶୁରାମ ପାତ୍ର, ନାରାୟଣ ଭୋଇ ସହଯୋଗୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପପଙ୍ଗା ପାହାଡ଼ ମହୋତ୍ସବ ସମିତିର ଅଧ୍ୟକ୍ଷା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସ୍ୱଭାପତିତ୍ୱ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବରେ ଭେଡେନ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ତୋଳାମଣି ଖେତି, ଜିଲ୍ଲାପରିଷଦ ସଭ୍ୟ/ସଭ୍ୟା ପଦ୍ମିନି ଗଡ଼ତିଆ, ପିଙ୍କି ବଢ଼େଇ, ସତ୍ୟଜିତ ପୁରୋହିତ, ସୁଦାମ ଜାଲ, ଶମ୍ଭୁ ସେଠ, ମମତା ପଧାନ, ଅତାବିରା ଏନଏସସି ଅଧ୍ୟକ୍ଷ ବନମାଳୀ ବାରିହା, ଉପାଧ୍ୟକ୍ଷ ଅନୁସୂୟା ବିଶ୍ୱାଳ, ଅତାବିରା ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ଉପାଧ୍ୟକ୍ଷ ଅନନ୍ତ ମେହେର, ନରେନ୍ଦ୍ର ପଧାନ, ରାଜ୍ୟ କଳାକାର ସଙ୍ଘ ସଭାପତି ଚୈତନ୍ୟ ପାଇକ, ସଭାପତି ଅରବିନ୍ଦ ହୋତା, ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ଆରସିଏମଏସ ସଭାପତି ସୁଜିତ ପଣ୍ଡା, ଭେଡେନ କଳାକାର ସଙ୍ଘ ସଭାପତି ସାଗର ମହାକୁର, ଲକ୍ଷ୍ମୀ ନାରାୟଣ ହୋତା, ସରପଞ୍ଚ ସସ୍ମିତା ହୋତା, ସମିତି ସଭ୍ୟା ମନ୍ଦାକିନି କର୍ଣ୍ଣ, ଭୂମିଦାନ କରିଥିବା କୃଷ୍ଣଚନ୍ଦ୍ର କୁସୁଲିଆ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିବୃନ୍ଦ ବୀର ସୁରେନ୍ଦ୍ର ସାଏ ଓ ମାଁ




ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିଥିମାନେ ପପଙ୍ଗା ପାହାଡ଼ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହନ କରୁଥିବା ନେଇ ମତପ୍ରକାଶ କରିଥିଲେ। ପରେ ଝୁପାପଡ଼ା ଏସଏଚଜି (ଲରାସରା), ଓଁ ଶାନ୍ତି ଏସଏଚଜି (ଅତାବିରା), ବୀର ହନୁମାନ ଏସେଚଜି, ମାଁ ତାରିଣୀ ଏସଏଚଜି (ବରପଦର), ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶପଥ ପରିବାର, ମାରୱାଡ଼ି ଯୁବା ମଞ୍ଚ, ଲାୟାନ୍ସ କ୍ଲବ, ଭରସା ପରିବାର, ନିଷ୍ଠା ପରିବାର, ସେବା ପରିବାର, ମାହେଶ୍ୱରୀ ସେନା, ଆନନ୍ଦ ସେବା ସଦନ, କୋଶଳ ଆନ୍ଧ୍ର ସଂସ୍କୃତିକ ସଙ୍ଘ, ସ୍ୱାସ୍ଥ୍ୟକ୍ଷେତ୍ରରେ ଡା. ନିଶାନ୍ତ ଦେବତା, ଡା. ସରୋଜ ସେଠ, ଡା. ଜଗଦୀଶ ରାଉତ, ଶିକ୍ଷା ଓ କଳାକାର ଭାବରେ ଝସକେତନ ପଧାନ, କୁମାରୀ କଳ୍ପନା ଝଙ୍କାର, ପଦ୍ମଲୋଚନ ପାଢ଼ୀ, ମୃତ୍ୟୁଞ୍ଜୟ କର, ବିରେନ୍ଦ୍ର କୁମାର ନନ୍ଦ, ପଦ୍ମନ କର୍ଣ୍ଣ, ହେମନ୍ତ ବରେଇ, ଗୁରୁଦେବ ତ୍ରିପାଠୀ, ଆକୁଳ ବଗର୍ତ୍ତି, ଭାଗବତ ସାହୁ, ବିନୋଦ ପାତ୍ର। ରାଜ୍ୟ ସ୍ତରୀୟ ନୃତ୍ୟଶିଳ୍ପୀ କୁମାରୀ ଅଞ୍ଜୁ ଜାଲ, ସୁନା ଓ ରୂପା କାରିଗର ରାଧେଶ୍ୟାମ ସାଥୁଆ, ସମ୍ବଲପୁରୀ ବସ୍ତ୍ର ବୟନରେ ଉତ୍ତର ମେହେର, ରାଷ୍ଟ୍ରୀୟ ଫୁଟବଲ ଖେଳାଳି ଭାବରେ ସୌରଭ ସାହୁ, ମାଟ୍ରିକ ରେ ସର୍ବୋଚ୍ଚ ନମ୍ବର ରଖିଥିବା ଅର୍ଚ୍ଚନା ମେହେର (ତାଳମେଣ୍ଡା) ଓ ଅଙ୍କିତ ସାହୁ (ଅତାବିରା) କୃଷି ଉଦ୍ୟୋଗ କ୍ଷେତ୍ରରେ ପ୍ରସନ୍ନ ଦାଶ(ଉଦ୍ୟାନ କୃଷି), ବୁଦ୍ଧଦେବ କର୍ମୀ(ମାଛ ଚାଷ), ସୁଧାଂଶୁ ଶେଖର ଭୋଇ ଓ ଗରୁଡଧ୍ୱଜ ଭୋସାଗର (ସଫଳ ଚାଷୀ), ପ୍ରେମଚାନ୍ଦ ଧବନ (ଫଳ ପନିପରିବା) ଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସଂସ୍କୃତିକ ଦଳଙ୍କ ନୃତ୍ୟଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା ଶାଶ୍ୱତ ଯୋଶୀ ସଂସ୍କୃତିକଦଳ, ଭରଣୀ କଳା ପରିଷଦ ସମ୍ବଲପୁର, ଭାରତୀ ନାଟ୍ୟ କଳା ପରିଷଦ, ଶଙ୍କର ବେହେରା ଗ୍ରୁପ, ଅନିରୁଦ୍ଧ ପାଇକ ଗ୍ରୁପ, ଆମ୍ବେଦକର ସଂସ୍କୃତିକ କଳା ପରିଷଦ, ଶତ୍ରୁଘ୍ନ ଖୋଳଭଗ୍ନୀ ସଂସ୍କୃତିକ ଦଳ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ସୁରକ୍ଷାକର୍ମୀ ମୃତ

**ଝାରସୁଗୁଡ଼ା, ୨୫।୪ (ସମିସ):** ଏମସିଏଲ୍ ଲଖନପୁର ଖଣି କ୍ଷେତ୍ରରେ ଗତ ରାତିରେ ଏକ କୋଇଲା ବୋଝେଇ ଟ୍ରକ ଧକ୍କାରେ ଜଣେ ସୁରକ୍ଷା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲଖନପୁର ବ୍ଲକ ଅନ୍ତର୍ଗତ ରେମଣ୍ଡା ଅଞ୍ଚଳର ରଞ୍ଜନ କୁମୁରା (୩୫)। ରଞ୍ଜନ ଜଣେ ସୁରକ୍ଷା କର୍ମଚାରୀ ଭାବେ ଏମସିଏଲ୍ ଦ୍ୱାରା ନିୟୋଜିତ ଏସଆଇଏସ ସିକ୍ୟୁରିଟି ସଂସ୍ଥାରେ ଲଖନପୁର ଖଣି କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ରଞ୍ଜନ ବୁଧବାର ରାତିରେ ଗ୍ଲୋବାଲ କୋଲ୍ ୱାସରି ନିକଟସ୍ଥ ଖଣିରେ କାର୍ଯ୍ୟରତ ଥିଲେ। ତେବେ ରାତି ପ୍ରାୟ ୧୦ଟା ୩୦ ମିନିଟ ବେଳେ ଖଣି ଅଞ୍ଚଳରେ ଏକ କୋଇଲା ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେବା ସହ ଚାଳକ ଫେରାର ହୋଇଯାଇଥିଲା। ଦୁର୍ଘଟଣାରେ ରଞ୍ଜନ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ନେଉଥିବା ସମୟରେ ବାଟରେ ତାଙ୍କର ମୃତ୍ୟୁ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ରଞ୍ଜନଙ୍କ ପରିବାର ଲୋକଙ୍କୁ ଏକ ସ୍ଥାୟୀ ଚାକିରୀ ସହ ତୁରନ୍ତ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦେବା ଏବଂ ଦୁର୍ଘଟଣା ଘଟାଇ ଥିବା ଟ୍ରକର ଚାଳକକୁ ଗିରଫ କରି ଆଇନ ଅନୁସାରେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ବନହରପାଲି ପୁଲିସ ଘଟଣା ସ୍ଥଳକୁ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ମୃତ ରଞ୍ଜନଙ୍କ ପରିବାରରେ ତାଙ୍କ ପତ୍ନୀଙ୍କ ସମେତ ୩ଟି ଶିଶୁ ଅଛନ୍ତି। ରଞ୍ଜନଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛନ୍ତି। ମୃତ ରଞ୍ଜନଙ୍କ ପରିବାରକୁ ଏମସିଏଲ୍ ପକ୍ଷରୁ ୧୪ ଲକ୍ଷ ୭୭ ହଜାର ଟଙ୍କା, ଏସଆଇଏସ ସିକ୍ୟୁରିଟି ସଂସ୍ଥା ପକ୍ଷରୁ ୧୬ଲକ୍ଷ ୭୫ ହଜାର ଟଙ୍କା କ୍ଷତିପୂରଣ ସହାୟତା ସହିତ ତାଙ୍କ ପତ୍ନୀଙ୍କୁ ଏକ ନିଯୁକ୍ତି ପ୍ରଦାନ କରାଯିବ ବୋଲି ଉଭୟ ଏମସିଏଲ ଓ ଏସଆଇଏସ ସିକ୍ୟୁରିଟି ସଂସ୍ଥା ପକ୍ଷରୁ ଘୋଷଣା କରାଯିବା ପରେ ସ୍ଥିତି ନିୟନ୍ତ୍ରିତ ହୋଇଥିବା ବନହରପାଲି ପୁଲିସ ପ୍ରକାଶ କରିଛି। ଆସନ୍ତା ୭ ଦିନ ମଧ୍ୟରେ ରଞ୍ଜନଙ୍କ ପତ୍ନୀଙ୍କ ବ୍ୟାଙ୍କ ଖାତା ସହ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ପ୍ରଦାନ କଲେ ଆର୍ôଥକ ସହାୟତା ରାଶି ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏନେଇ ବନହରପାଲି ଥାନାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ମୃତ ରଞ୍ଜନଙ୍କ ଶବ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରିଛି।

### ତିଳେଇବଣି, ବଳମରେ ବିଜେଡିର କର୍ମୀ ସମ୍ମିଳନୀ

# 'ଯୋଡ଼ିଶଙ୍ଖ'ରେ ଭୋଟ୍ ଦେବାକୁ ପ୍ରଣବଙ୍କ ଆହ୍ୱାନ

**ଦେବଗଡ଼, ୨୫।୪(ସମିସ)**

ଦେବଗଡ଼ ବିଧାନସଭା ଆସନ କ୍ଷେତ୍ର ଅଧୀନ ତିଳେଇବଣି ବ୍ଲକ ହାଇସ୍କୁଲ ଖେଳ ପଡ଼ିଆ ଓ ବଳମ ଆମ୍ବ ବଗିଚାରେ ଗୁରୁବାର ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବିଜେଡି ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ କାର୍ଯ୍ୟକ୍ରମରେ ବିଜେଡ଼ିର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ଆସନର ବିଜେଡ଼ି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଦେବଗଡ଼ ବିଧାନସଭା ଆସନର ବିଜେଡି ବିଧାୟକ ପ୍ରାର୍ଥୀ ଅରୁନ୍ଧତୀ ଦେବୀଙ୍କ ସହ ମଞ୍ଚାସୀନ ଥିଲେ। ଜିଲ୍ଲାର ବିକାଶ ନିମନ୍ତେ ଏଥର ନିର୍ବାଚନରେ ଦେବଗଡ଼ ଜିଲ୍ଲାରେ ଡବଲ ଶଙ୍ଖକୁ ଦାୟିତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ।



ଗରିବ ଆଦିବାସୀ ପରିବାରଙ୍କ ପିଲାଙ୍କ ଶିକ୍ଷାଦାନ ପାଇଁ ନିଃଶୁଳ୍କ ଶିକ୍ଷାଦାନ ସହ ନିଃଶୁଳ୍କ ଖାଦ୍ୟ ଓ ପୋଷାକ, ଆଦିବାସୀଙ୍କ ଉନ୍ନତି ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ, କେନ୍ଦୁପତ୍ର କର୍ମଚାରୀଙ୍କ ପରିବାର ପାଇଁ ରାଜ୍ୟ ସରକାର ୯ ପ୍ରତିଶତ ଜିଏସଟି ଛାଡ଼ କରିବା ସହ ବିଭିନ୍ନ ସହାୟତା ରାଶି ପ୍ରଦାନ କରିବା, ଏସଏଚଜି ମହିଳାଙ୍କ ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା, ବିଏସକେୱାଇ କାର୍ଡ ସମ୍ପର୍କରେ ଉପସ୍ଥିତ ହଜାର ହଜାର ପୁରୁଷ ଓ ମହିଳାଙ୍କୁ ପ୍ରଣବ ଉଦ୍‌ବୋଧନ ଦେଇଥିଲେ। ସେହିଭଳି ସେ ବିଜେପି ସାଂସଦ ଓ ବିଧାୟକଙ୍କ ବିଫଳତାକୁ ଜନ ସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।

ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଆଦିବାସୀ ନେତା ତଥା ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପାଞ୍ଜିଆ ଭୋଇ, କେନ୍ଦୁପତ୍ର ତୋଳାଳି ରାଜ୍ୟ ମହାସଂଘ ସମ୍ପାଦକ ସଞ୍ଜିତ ମହାନ୍ତି, ଦେବଗଡ଼ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ବରିଷ୍ଠ ନେତା ଉମାଶଙ୍କର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ମଧ୍ୟାହ୍ନରେ ବଳମ ଆମ୍ବ ବଗିଚାରେ ସଭାପତି ଚିତ୍ତ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଦାସ ଯୋଗ ଦେଇଥିଲେ। ଦେବଗଡ଼ ଜିଲ୍ଲା ଗଠନରେ ବିଜୁ ବାବୁଙ୍କ



ଅବଦାନ ଅତୁଳନୀୟ ବୋଲି କହିଥିଲେ। ସେହିଭଳି ଦେବଗଡ଼ ଜିଲ୍ଲାର ବିକାଶର ବିଧାଣି ସାଜିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେବଗଡ଼ ଜିଲ୍ଲାବାସୀ ଡବଲ ଶଙ୍ଖ ଚିହ୍ନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇ ଶ୍ରେଷ୍ଠ ଉପହାର ଦେବାର ସୁଯୋଗକୁ ହାତ ଛଡା ନ କରିବାକୁ ଉପସ୍ଥିତ ହଜାର ହଜାର ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

ଏହି ସଭାରେ ମଧ ବିଧାୟକ ପ୍ରାର୍ôଥନୀ ଅରୁନ୍ଧତୀ ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କେନ୍ଦୁପତ୍ର କର୍ମଚାରୀ ମହାସଂଘ ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଦେବଗଡ଼ ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପାଞ୍ଜିଆ ଭୋଇ, ବରିଷ୍ଠ ନେତା ଉମା ଶଙ୍କର ସାହୁଙ୍କ ସମେତ ବହୁ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ଲୁଟ୍ ଘଟଣାରେ ୨ ଗିରଫ

**ବ୍ରଜରାଜନଗର, ୨୫।୪ (ସମିସ):** ବ୍ରଜରାଜନଗର ଓରିଏଣ୍ଟ ଥାନା ଅନ୍ତର୍ଗତ ଏମସିଏଲ କଲ୍ୟାଣମଣ୍ଡପ ନିକଟରେ ଜଣେ ବ୍ୟକ୍ତିଙ୍କ ଠାରୁ ଟଙ୍କା ଓ ମୋବାଇଲ୍ ଲୁଟ୍ ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଲମଟିବାହାଲ ଅଞ୍ଚଳର ଅଶ୍ୱିନୀ ରୋହିଦାସ (୨୭) ବାଇକ୍‌ରେ ଯାଉଥିବା ବେଳେ ଏମସିଏଲ କଲ୍ୟାଣମଣ୍ଡପ ନିକଟରେ ଦୁଇଜଣ ଯୁବକ ବାଇକରେ ଆସି ତାଙ୍କ ନିକଟରୁ ୨ ହଜାର ଟଙ୍କା ଓ ମୋବାଇଲ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ପରେ ଏନେଇ ଅଶ୍ୱିନୀ ଓରିଏଣ୍ଟ ଥାନାରେ ଅଭିଯୋଗ କରିବାରୁ ଥାନା ଅଧିକାରୀ ରୋଜାଲିନ ପଟେଲଙ୍କ ସମେତ ପୁଲିସ ଟିମ ଅଞ୍ଚଳର ବିଭିନ୍ନ ଜାଗାରେ ଚଢ଼ାଉ କରି ଗାୟତ୍ରୀ ନଗର ଶିବା ଛୋଟେପାନ (୨୧) ଓ ଗଙ୍ଗାନଗର ଫାଟକପଡ଼ାର ମହମ୍ମଦ ସକିଲ(୨୪)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଗୋଟିଏ ବାଇକ୍ ଜବତ କରିଛନ୍ତି।

# ଗଞ୍ଜେଇ କାରବାରରେ ପୁଅ ସହ ଜେଲ୍ ଗଲେ ବିଜେପି ନେତା

**ଦେବଗଡ଼, ୨୫।୪(ସମିସ):** ଗାଁରେ ନିଶା କାରବାର ଚଳାଇଥିଲେ ବିଜେପିର ସକ୍ରିୟ କର୍ମୀ। ଗ୍ରାମବାସୀଙ୍କ ଦାଗିଦ ସତ୍ତ୍ୱେ ଦଳୀୟ ନେତାଙ୍କ ଆଶୀର୍ବାଦରୁ ବେଧଡକ ଭାବେ ବେଆଇନ ଗଞ୍ଜେଇ କାରବାର ଜାରି ରଖିଥିଲେ। ନିଶା ବଦଳରେ ରାଜନୀତି ସହ ଦଳୀୟ ନେତାଙ୍କ ଛତ୍ରଛାୟା ତଳେ ବେଆଇନ ରୋଜଗାର ଚଳାଇଥିଲେ। ସ୍ପଷ୍ଟ ଦିବାଲୋକରେ ବାପ ପୁଅ ବାଇକ୍‌ରେ ବେଆଇନ ଗଞ୍ଜେଇ ଚାଲାଣ କରୁଥିଲେ। ଶେଷରେ ପୁଲିସ ହାତରେ ଧରାପଡ଼ି ବିଜେପିର ସକ୍ରିୟ କାର୍ଯ୍ୟକର୍ତ୍ତା ଓ ତାଙ୍କ ପୁଅ ଗିରଫ ହୋଇଛନ୍ତି। ଅଭିଯୁକ୍ତ ହେଲେ ରିଆମାଳ ଥାନା ଗୁଣ୍ଡିଆପାଲି ପଞ୍ଚାୟତର ସକ୍ରିୟ ବିଜେପି ନେତା ଦେବେନ୍ଦ୍ର ପ୍ରଧାନ (୪୭) ଓ ତାଙ୍କ ପୁଅ ମାନସ ପ୍ରଧାନ। ଉଭୟଙ୍କଠାରୁ ପୁଲିସ ୧୫ କେଜି ଗଞ୍ଜେଇ ଜବତ କରିଛି। ସେହିଭଳି ସେମାନଙ୍କ ବାଇକ୍, ୨ଟି ମୋବାଇଲ ମଧ୍ୟ ପୁଲିସ ଜବତ କରିଛି। ଉଭୟଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ପୁଲିସ ଜେଲ୍‌କୁ ପଠାଇ ଦେଇଛି।

ରିଆମାଳ ଥାନା ପୁଲିସ ରାଜମୁଣ୍ଡା ଗ୍ରାମ ନିକଟସ୍ଥ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିକଟରେ ଯାନବାହାନ ଯାଞ୍ଚ କରୁଥିଲା। ଏହି ସମୟରେ ଗୁଣ୍ଡିଆପାଲିରୁ ରିଆମାଳ ପଟକୁ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏକ ବାଇକରେ ଗୁଣ୍ଡିଆପାଲି ପଟୁ ରିଆମାଳ ପଟକୁ ବାପ, ପୁଅ ଆସୁଥିବାବେଳେ ପୁଲିସ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ସେମାନେ ବସ୍ତାରେ ନେଉଥିବା ଗଞ୍ଜେଇ ଧରା ପଡ଼ିଥିଲା।

# ପୂର୍ବତନ ନଗରପାଳଙ୍କୁ ଆକ୍ରମଣ; ଜଣେ ଗିରଫ

### ପାଲଟା ଅଭିଯୋଗ କଲେ ଗିରଫ ବ୍ୟବସାୟୀ

**ବ୍ରଜରାଜନଗର, ୨୫।୪(ସମିସ):** ବୁଧବାର ବ୍ରଜରାଜନଗର ପୌରପରିଷଦର ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲଙ୍କୁ ବ୍ୟବସାୟିକ ଶତ୍ରୁତା ପାଇଁ ମାଡ଼ ମରାଯାଇଥିବା ଘଟଣାରେ ସହରର ପ୍ରତିଷ୍ଠିତ ବ୍ୟବସାୟୀ ଅରୁଣ ମୁଦ୍ରାଙ୍କୁ ବ୍ରଜରାଜନଗର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅରୁଣ ମୁଦ୍ରା ନନ୍ଦକିଶୋର ଅଗ୍ରୱାଲଙ୍କ ନାମରେ ଗାନ୍ଧୀ ଛକ ଫାଣ୍ଡିରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟଙ୍କ ମଧ୍ୟରେ ଦୀର୍ଘ ବର୍ଷ ଧରି ଚାଲିଥିବା ବ୍ୟବସାୟର ୪୦ ଲକ୍ଷ ଟଙ୍କା କିଶୋର ଅଗ୍ରୱାଲ ଅରୁଣଙ୍କୁ ଦେଉନଥିବା ଅଭିଯୋଗ କରିବା ସହ ଏହି ଘଟଣାରେ ଜଣେ ମହିଳାଙ୍କୁ ନେଇ ଅରୁଣ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ବିସ୍ଫୋରକ ବୟାନ ଦେଇଛନ୍ତି। ଅରୁଣ ସମସ୍ତ ଘଟଣାକୁ ନେଇ ଗାନ୍ଧିଛକ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ଅରୁଣଙ୍କ ପାଲଟା ଅଭିଯୋଗର ତଦନ୍ତ ଜାରି ରହିଥିବା ବ୍ରଜରାଜନଗର ଥାନା ଆଇଆଇସି ଧବଳେଶ୍ୱର ସାହୁ ସୂଚନା ଦେଇଛନ୍ତି। ପୂର୍ବତନ ନଗରପାଳ କିଶୋର ଅଗ୍ରୱାଲଙ୍କୁ ଗତକାଲି ବୁଧବାର ମାଡ଼ ମରାଯିବା ଘଟଣା ପ୍ରଘଟ ହେଲା ପରେ ଅରୁଣଙ୍କୁ ଗିରଫ ଦାବିରେ ସନ୍ଧ୍ୟା ସମୟରେ ମୁଖ୍ୟ ବଜାର ବନ୍ଦ ରଖାଯିବା ସହ ବ୍ୟବସାୟୀମାନେ ଓ କିଶୋରଙ୍କ ସମର୍ଥକମାନେ ଦୀର୍ଘରାତି ପର୍ଯ୍ୟନ୍ତ ଥାନା ସମ୍ମୁଖରେ ବସିରହିଥିଲେ। ଗୁରୁବାର ବ୍ୟବସାୟୀ ଅରୁଣଙ୍କୁ ପୁଲିସ ଗିରଫ କଲାପରେ ମୁଖ୍ୟ ବଜାରରେ କିଶୋରଙ୍କ ସମର୍ଥକମାନେ ବାଣ ଫୁଟାଇ ଖୁସି ମନାଉଥିବା ଦେଖିବାକୁ ମିଳିଛି।

# ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ କେନ୍ଦ୍ର ଗୃହମନ୍ତ୍ରୀ

**ଝାରସୁଗୁଡ଼ା, ୨୫।୪(ସମିସ):** ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ଗୁରୁବାର ଅପରାହ୍ନ ୪ଟା୧୫ରେ ପହଞ୍ଚି ଏକ ହେଲିକ୍ୟାପ୍ଟର ଯୋଗେ ସୋନପୁର ଯାତ୍ରା କରିଥିଲେ। ସୋନପୁରରୁ ଝାରସୁଗୁଡ଼ାଅଭିମୁଖେ ଫେରି ପୁଣି ସନ୍ଧ୍ୟା ୬ଟା ୨୪ରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ଚାଲି ଯାଇଥିବା ଜଣାପଡ଼ିଛି। କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିବା ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହିତ ବ୍ୟକ୍ତିଗତ ଭାବରେ ଏସପି ପରମାର ସ୍ମିଥ ପୁରୋଷୋତ୍ତମ ଦାସ ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ଉପସ୍ଥିତ ରହିଥିଲେ।

# ସାଂସଦଙ୍କ ଘର ଉପରେ ଖସିଲା ଡ୍ରୋନ୍

**ଝାରସୁଗୁଡ଼ା/ବ୍ରଜରାଜନଗର, ୨୫।୪(ସମିସ):** ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆମଦରହ ଠାରେ ଗୁରୁବାର ଅପରାହ୍ଣ୨ଟା ସମୟରେ ସାଂସଦ ତଥା ବିଧାୟକ ପ୍ରାର୍ଥୀ ସୁରେଶ ପୂଜାରୀଙ୍କ ଘର ଉପରେ ଏକ ଡ୍ରୋନ ଖସିପଡ଼ିଛି। ସେ ରହୁଥିବା ଘର ଉପରେ ଏକ ଅଜଣା ଡ୍ରୋନ



କ୍ୟାମେରା ଲଗାଇ ଘୁରିବୁଲିବା ସହ ନିକଟରେ ଯାଇଥିବା ଉଚ୍ଚଶକ୍ତି ସମ୍ପର୍ଣ୍ଣ ବିଦ୍ୟୁତ ଟାୱାରରେ ପିଟି ହୋଇ ତାଙ୍କ ରହୁଥିବା କୋଠା ନିକଟରେ ଖସିପଡ଼ିଥିଲା। ଏନେଇ ଘରର କେୟାରଟେକର ଡ୍ରୋନ ଖସି ପଡ଼ିବା ସମ୍ପର୍କରେ ଶ୍ରୀ ପୂଜାରୀଙ୍କୁ ଜଣାଇଥିଲା। ଖସିପଡ଼ିଥିବା ବିରାଟକାୟ ଡ୍ରୋନ ପାଖକୁ ସେ ଯିବାବେଳେ ଡ୍ରୋନଟିର ଇଞ୍ଜିନ ଓ କ୍ୟାମେରା ଚାଲୁଥିବା କହିଛନ୍ତି। ଏନେଇ ସେ ତୁରନ୍ତ ଝାରସୁଗୁଡ଼ା ଏସପି ପରମାର ସ୍ମିଥ ପୁରୋଷୋତ୍ତମ ଦାସଙ୍କୁ ଜଣାଇଥିଲେ। ଘଟଣାସ୍ଥଳରେ ବେଲପାହାଡ଼ ଥାନା ଅଧିକାରୀ କୁଷ୍ଣଚନ୍ଦ୍ର ମେହେର ପହଞ୍ଚି ଯାଞ୍ଚ କରିଥିଲେ। ଏନେଇ ଶ୍ରୀ ପୂଜାରୀଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଥିଲେ, ଘର ଉପରେ ଓ ବିନା ଅନୁମତିରେ ମୋର ଏକାନ୍ତକୁ କ୍ଷୁର୍ଣ୍ଣ କରି କିଏ ଓ କାହିଁକି କ୍ୟାମେରା ଲାଗିଥିବା ଡ୍ରୋନ ଚଳାଉଥିଲା ବୋଲି ସେ କହିଛନ୍ତି। ନିର୍ବାଚନ ସମୟ ହୋଇଥିବାରୁ ଏପରି ବେନିୟମ ଭାବରେ ଚାଲୁଥିବା ଡ୍ରୋନ ଅନେକ ସନ୍ଦେହ କରୁଛି ବୋଲି ସେ କହିଛନ୍ତି। ଏହି ଡ୍ରୋନ ଖସିପଡ଼ିବା ନେଇ ବନ ବିଭାଗ ପକ୍ଷରୁ ଝାରସୁଗୁଡ଼ା ଡ଼ିଏଫଓ ମନ୍ନୁ ଅଶୋକ ଭଟ୍ଟ ତାଙ୍କର ମତ ରଖିଛନ୍ତିଯେ ଓଡ଼ିଶା ଫରେଷ୍ଟ ଡେଭଲମେଣ୍ଟ କର୍ପୋରେସନ୍ (ଓଏଫଡ଼ିସି) ପକ୍ଷରୁ ଆମଦରହ ଜଙ୍ଗଲ ଅଞ୍ଚଳରେ ସର୍ଭେ କରାଯାଉଥିଲା। ସର୍ଭେପାଇଁ ଓଏଫଡ଼ିସି ପକ୍ଷରୁ ଏକ ସଂସ୍ଥାକୁ ଡ୍ରୋନ ସର୍ଭେ କାର୍ଯ୍ୟ ଦିଆଯାଇଥିଲା। ତେବେ କେଉଁ ପରିସ୍ଥିତିରେ ଏହି ଡ୍ରୋନ ଖସିପଡ଼ିଛି ତାହାର ନିଶ୍ଚିତ ଭାବରେ ତଦନ୍ତ କରାଯିବ ବୋଲି ଡିଏଫଓ ସୂଚନା ଦେଇଛନ୍ତି। ସେହିପରି ଏ ଗଟନା ସମ୍ପର୍କରେ ଝାରସୁଗୁଡ଼ା ଏସପି ପରମାର ସ୍ମିଥ ପୁରୋଷୋତ୍ତମ ଦାସଙ୍କୁ ପଚାରିବାରୁ ପ୍ରାଥମିକ ତଦନ୍ତରୁ ଜଣାପଡ଼ି ଯେ ବନ ବିଭାଗର ଓଏଫଡ଼ିସି ତାଙ୍କର ବୃକ୍ଷ ରୋପଣ ପାଇଁ ଏହି ଡ୍ରୋନର ବ୍ୟବହାର କରୁଥିଲେ। ତାହା କୌଣସି ପ୍ରକାରେ ଖସିପଡ଼ିଛି। ସେହି ଡ୍ରୋନକୁ ଆମେ ଜବତ କରି ତଦନ୍ତ ଆରମ୍ଭ କରିଛୁ ବୋଲି ଏସପି ସୂଚନା ଦେଇଛନ୍ତି।

# ଜିଲ୍ଲା ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ସଂଯୋଜକ ହେଲେ ଶଙ୍କର ପୋଡ

**ଝାରସୁଗୁଡ଼ା, ୨୫।୪(ସମିସ):** ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଶିଷ୍ଟ ନାଟ୍ୟକାର ଶଙ୍କର ପୋଡଙ୍କୁ ଝାରସୁଗୁଡା ଜିଲ୍ଲାର ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ସଂଯୋଜକ ଭାବେ ନିଯୁକ୍ତି ଦେଇଛନ୍ତି। ଏଥିପାଇଁ ଶ୍ରୀ ପୋଡ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଝାରସୁଗୁଡା ବିଜେଡି ପ୍ରାର୍ଥିନୀ ସୁଶ୍ରୀ ଦିପାଳୀ ଦାସଙ୍କ ମାଧ୍ୟମରେ କୃତଜ୍ଞତା ଜଣାଇଛନ୍ତି। ସୁଶ୍ରୀ ଦିପାଳୀ ନବନିଯୁକ୍ତ ଜିଲ୍ଲା ସାଂସ୍କୃତିକ ସଂଯୋଜକ ଶଙ୍କର ପୋଡଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କଳା ଓ କଳାକାରଙ୍କ ବିକାଶ ପାଇଁ



ସର୍ବଦା କାମ କରିଆସୁଥିବା ପୋଡ ବାବୁ ଚଳିତ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ଶାସନରେ ଚାଲୁଥିବା ଲୋକାଭିମୁଖୀ ଯୋଜନା ଗୁଡିକୁ ବହୁଳ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ପ୍ରଚାର କରିବା ମୋର ପ୍ରଥମ କାର୍ଯ୍ୟ ବୋଲି ପ୍ରତିକ୍ରିୟାରେ ଜଣାଇଛନ୍ତି।

# କୋଲାବିରାରେ ବିଜେଡି ମହିଳା ସମାବେଶ

**ଝାରସୁଗୁଡ଼ା, ୨୫।୪(ସମିସ):** କୋଲାବିରା ବ୍ଲକ ଅନ୍ତର୍ଗତ ବ୍ଲକ ଅଫିସ ସମ୍ମୁଖ ମିନି ଷ୍ଟାଡିୟମଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଅଛି। ଏହି ସମାବେଶରେ ବରଗଡ଼ ଲୋକସଭା ସାଂସଦ ପ୍ରାର୍ଥୀ ପରିଣିତା ମିଶ୍ର, ବିଧାନସଭା ପ୍ରାର୍ଥୀ ସୁଶ୍ରୀ ଦିପାଲି ଦାସ, ଜିଲ୍ଲା ପର୍ଯ୍ୟବେକ୍ଷକ ବିଷ୍ଣୁ କେଡିଆ, ଜିଲ୍ଲା ସଭାପତି ରବି ସିଂ, ଜିଲ୍ଲା ସଭାନେତ୍ରୀ ରୋଜାଲିନ ପଟେଲ ଓ ନୃପଲାଲ ପଶାୟତଙ୍କ ସମେତ ଅନ୍ୟ ବରିଷ୍ଠ ନେତୃବୃନ୍ଦ ମଞ୍ଚାସୀନ ଥିଲେ। ଏହି ସମାବେଶରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଓ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପୁର୍ବତନ ମୁଖ୍ୟମନ୍ତ୍ରୀ ଓଡିଆ ଜାତିର ଗର୍ବ ଓ ଗୌରବ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ମହିଳାଙ୍କ ସମ୍ମାନ ଘରଘର କାମକୁ ହୃଦୟରେ ରଖି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଛବିକୁ ଅନୁସରଣ କରି ସମର୍ଥନ ଜଣାଇବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ନାରୀ ସଶକ୍ତିକରଣ ପାଇଁ ଓ ସୁଶ୍ରୀ ଦିପାଲି ଦାସଙ୍କ ୮ ମାସର ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ କୋଲାବିର ବ୍ଲକ ଅନ୍ତର୍ଗତ ମିନି ଷ୍ଟାଡିୟମଠାରେ ବହୁ ଯୁବକ ଯୁବତୀ ସମବେତ ହୋଇଥିଲେ। ଏହି ସଭାର ମୁଖ୍ୟ ଆକର୍ଷକ ବିଧାୟିକା ପ୍ରାର୍ଥୀ ସୁଶ୍ରୀ ଦିପାଲି ଦାସ ନିଜ ବକ୍ତବ୍ୟରେ ନବ କିଶୋର ଦାସ ଝାରସୁଗୁଡ଼ାର ବିକାଶର ନାୟକ ଭାବେ ନିଜସ୍ୱ ପରିଚୟ ସୃଷ୍ଟି କରିଛନ୍ତି ବୋଲି କହିଥିଲେ। ତାଙ୍କର ଏହି ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ସଦା ସର୍ବଦା ନିଜକୁ ବର୍ଷ ସାରା ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି। ଏହି ସଭାକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତୁଳାରାମ ସେନାପତି ପରିଚାଳନା କରିଥିଲେ। ଏହି ସମାବେଶରେ ହଜାର ହଜାର ମହିଳା ପୁରୁଷ ଯୋଗ ଦେଇଥିଲେ।

# ରାସ୍ତା, ପାଣି ଓ ବିଦ୍ୟୁତ୍ ପାଇଁ ୩ ଗାଁ ଲୋକେ ପ୍ରଶାସନର ଦ୍ୱାରସ୍ଥ



**ଦେବଗଡ଼, ୨୫।୪(ସମିସ):** ତିଳେଇବଣି ବ୍ଲକ ସଡୋ ପଞ୍ଚାୟତ ଅର୍ଗେନ, ଭୂତେଲ ଓ ରଗୁଡ଼ା ଗ୍ରାମର ଗ୍ରାମବାସୀ ରାସ୍ତା, ବିଦ୍ୟୁତ୍ ଓ ପାନୀୟ ଜଳ ସୁବିଧାରୁ ଆଜି ମଧ୍ୟ ବଞ୍ଚିତ। ଏହି ୩ ଗ୍ରାମର ଗ୍ରାମବାସୀ ସେମାନଙ୍କ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଏ ନେଇ ବିଭିନ୍ନ ସମୟରେ ଦାବି କରୁଛନ୍ତି; ହେଲେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି। ଏଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦାବିପତ୍ର ପ୍ରଦାନବେଳେ ଯୁବନେତା ସୁଧୀର ବ୍ରହ୍ମା, ଗୌତମ ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ଗୌରୀ ମାଝୀ, ସୁବାଷିନୀ ମାଝୀ, ଶରତ ମାଝୀ, ରାଙ୍କା ତିର୍କୀ, ବାସନ୍ତୀ ବଲୁଆଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସେମାନଙ୍କ ସମସ୍ୟାଗୁଡିକ ତୁରନ୍ତ ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର

**ଝାରସୁଗୁଡା, ୨୫।୪(ସମିସ)**

ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହରରେ ପରିଣତ ହୋଇଛି। ଗୁରୁବାର ଚାରିଆଡେ ଅସହ୍ୟ ତାତି ଅନୁଭବ ହୋଇଛି। ଗୁରୁବାର ସକାଳ ୮ଟାରୁ ଖରାର ପ୍ରକୋପ ଆରମ୍ଭ ହୋଇଥିଲା। ସକାଳ ୧୦ ଟାରେ ସହରର ରାସ୍ତାଘାଟ ଏକରକମ ଶୂନଶାନ ହୋଇ ପଡ଼ିଥିଲା। ଖରା ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ଛାଇଥିବା ସ୍ଥାନରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ଗରମ ଅନୁଭୂତ ହୋଇଥିଲା। ଦିନ ୧ଟାରେ ସରକାରୀ କାର୍ଯ୍ୟାଳୟ ବନ୍ଦ ହେବା ପରେ କାମରୁ ଘରକୁ ଫେରୁଥିବା କର୍ମଚାରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବସଷ୍ଟାଣ୍ଡ ଓ ରେଳୱେ ଷ୍ଟେସନରେ ମଧ୍ୟ ଯାତ୍ରୀମାନେ ପ୍ରବଳ ଗରମରେ ବିଭିନ୍ନ ଗାଡ଼ିକୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଝାରସୁଗୁଡ଼ା ଜିଲ୍ଲାରେ ଥିବା ବିଭିନ୍ନ କୋଇଲା




ଖଣିରେ କୋଇଲା ଜଳି ଯାଉଥିବାରୁ ଝାରସୁଗଡ଼ା ଜିଲ୍ଲାର ବ୍ରଜରାଜନଗର, ବେଲପାହାଡ଼, ଲଖନପୁର ଅଞ୍ଚଳରେ ଅହୁରି ଗୋଟିଏରୁ ଅଧିକ ଡିଗ୍ରୀ ତାପମାତ୍ରା ଅଧିକ ରହିଥିବା ଅଭିଯୋଗ ହେଉଛି। ଉତ୍ତପ୍ତ ଖରା ଯୋଗୁ ଲୋକେ ଘରୁ ବାହାରୁ ନ ଥିବାବେଳେ ରାସ୍ତାଘଟ ଜନଶୂନ୍ୟ ହେଇଯାଉଛି। ଏମିତିକି ସହରର କେତେକ ସ୍ଥାନରେ ଦୋକାନ ବଜାର ମଧ୍ୟ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଉଛି। ଦିନ ୧୨ଟାରୁ ୫ ଟା ମଧ୍ୟରେ ବିଶେଷ କାମ ନ ଥିଲେ ଲୋକେ ଘରୁ ବାହାରୁ ନାହାନ୍ତି। ବସ ଚଳାଚଳ ମଧ୍ୟ ଏକ ପ୍ରକାର ବାଧାପ୍ରାପ୍ତ ହେଉଛି। ବସରେ ଯିବା ପାଇଁ ଯାତ୍ରୀ ମଧ୍ୟ ହେଉନାହାନ୍ତି। ବିଭିନ୍ନ ସରକାରୀ ବେସରକାରୀ କାମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକେ କେତେକ ଗଛମୂଳେ ମୁଣ୍ଡ ଗୁଞ୍ଜୁଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ସମସ୍ତ ପୌର ପରିଷଦ, ବ୍ଲକ ଏମିତିକି ସମସ୍ତ ପଞ୍ଚାୟତମାନଙ୍କରେ ଜଳଛତ୍ର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ଏମିତି କେତେକ ସ୍ଥାନ ରହିଛି ସେଠାରେ ଖୋଲିଥିବା ଜଳଛତ୍ରରେ ପାଣି ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ବିଶେଷ ଭାବରେ ରାସ୍ତଘାଟରେ ବୁଲୁଥିବା ବିଭିନ୍ନ ପଶୁମାନେ ପାଣି ପାଇଁ ଡ଼ହଳବିକଳ ହେଉଥିବା ଦେଖାଦେଇଛି। ଅଂଶୁଘାତ ମୁକାବିଲା ପାଇଁ ମଧ୍ୟ ସମସ୍ତ ସରକାରୀ ବେସରକାରୀ ଡାକ୍ତରଖାନାରେ ସ୍ୱତନ୍ତ୍ର ୱାର୍ଡ଼ ମଧ୍ୟ କରାଯାଇଛି। ପ୍ରଚଣ୍ଡ ଖରାରେ ଶିଳ୍ପ ସହର ଝାରସୁଗୁଡ଼ାବାସୀ ଆଉଟୁପାଉଟୁ ହେଉଛନ୍ତି।

# ବିଜେପିରୁ ଅମର ବଜାଜ୍‌ଙ୍କ ଇସ୍ତଫା




**ଝାରସୁଗୁଡ଼ା, ୨୫।୪(ସମିସ):** ଝାରସୁଗୁଡ଼ା ବିଜେପିର ଜଣେ ଆଗଧାଡ଼ିର କର୍ମକର୍ତ୍ତା ଅମର ବଜାଜ ଦଳରୁ ଇସ୍ତଫା ଦେଇଛନ୍ତି। ସ୍ଥାନୀୟ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ବିବୃତି ଦେଇ ସେ ବିଧାୟକ ପ୍ରାର୍ଥୀ ଟଙ୍କଧରଙ୍କ ଉପରେ ବର୍ଷିବା ସହିତ ତାଙ୍କ ପାଇଁ ନିର୍ବାଚନ ପ୍ରଚାର କଲେ ଝାରସୁଗୁଡ଼ା ମାଟି ସହିତ ବିଶ୍ୱାସଘାତକତା ହେବ ବୋଲି କହିଛନ୍ତି। ଶ୍ରୀ ତ୍ରିପାଠୀ ୨୦୧୨ ମସିହାରେ ଦେଇଥିବା ବିବୃତ୍ତି ତଥା ସୁନ୍ଦରଗଡ଼କୁ ଚାକିରି ପାଇଁ ଯାଇଥିବା ଝାରସୁଗୁଡ଼ାର ଲୋକଙ୍କୁ ତଡ଼ିବା ଘଟଣାକୁ ନେଇ ମଧ୍ୟ ଶ୍ରୀ ବଜାଜ କ୍ଷୋଭ ପ୍ରକାଶ କରିଛନ୍ତି। ଏହାସହିତ ସେ ସ୍ଥାନୀୟନେତା ଭାବେ ନିଜକୁ ଉପସ୍ଥାପିତ କରି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇପାରନ୍ତି ବୋଲି ସଂକେତ ଦେଇଛନ୍ତି।

# କଂଗ୍ରେସ୍ ଛାଡ଼ି ଶଙ୍ଖ ଧରିଲେ ସମ୍ବଲପୁରର ଅନେକ ଯୁବ ନେତା







ଭୁବନେଶ୍ୱର, ୨୫ ।୪(ସମିସ)

ସମ୍ବଲପୁର ଜିଲ୍ଲା କଂଗ୍ରେସର ବହୁ ଯୁବନେତା ଆଜି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ଯୁବନେତାଙ୍କୁ ଡକ୍ଟର ପାତ୍ର ଦଳକୁ ସ୍ୱାଗତ କରିଥିଲେ। କଂଗ୍ରେସ ଯୁବନେତାଙ୍କ ଯୋଗଦାନ ଫଳରେ ବିଶେଷକରି ସମ୍ବଲପୁର ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜବୁତ ହେବ ବୋଲି ଡକ୍ଟର ପାତ୍ର କହିଛନ୍ତି। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା କଂଗ୍ରେସ ନେତାମାନେ କହିଛନ୍ତି ଯେ ଯୁବ ଓ ମହିଳାବର୍ଗଙ୍କ ପାଇଁ ଅନେକ କିଛି କରିଛନ୍ତି ମୁଖ୍ୟମନ୍ତ୍ରୀ। ଦେଶର ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଓଡ଼ିଶା ସାରା ଭାରତବର୍ଷରେ ୧ ନମ୍ବରରେ ପହଞ୍ଚିବ। ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଦେଇଛୁ ଓ ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ପ୍ରତିଶ୍ରୁତି ଦେଉଛୁ। ଏହା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଓବିସି ସେଲ୍‌ଫ ଉପାଧ୍ୟକ୍ଷ ଆଶୁତୋଷ ସ୍ୱାଇଁ, ସମ୍ବଲପୁର ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ଲାବନ ବହିଦାର, ଏନ୍‌ଏସ୍‌ୟୁଆଇ ସମ୍ବଲପୁର ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ପୃଷେଠ୍, ସମ୍ବଲପୁର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଶେଖ ହାସିମ, ଟାଉନ ସଭାପତି ସରୋଜ ବନ୍‌ଛୋର, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବିକାଶ ବେହେରା, ନୀଳକଣ୍ଠ ମେସୁଆ, ସମ୍ବଲପୁର ଲୋକସଭା ସୋସିଆଲ ମିଡ଼ିଆ ସଂଯୋଜକ ମୁକେଶ ନାୟକ, ଜିଲ୍ଲା ଯୁବ କଂଗ୍ରେସ ସମ୍ପାଦକ ଦିବାକର ବାଗ ବିଜେଡ଼ିରେ ସାମିଲ ହୋଇଛନ୍ତି।

## ବିଜେଡିରେ ଯୋଗଦେଲେ ବରଗଡ଼ର ସାମାଜିକ କର୍ମୀ ମିନାକ୍ଷୀ ମିଶ୍ର



ଭୁବନେଶ୍ୱର, ୨୫ ।୪(ସମିସ): ବରଗଡ଼ ନିର୍ବାଚନମଣ୍ଡଳୀର ସାମାଜିକ କର୍ମୀ ମିନାକ୍ଷୀ ମିଶ୍ର ଆଜି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, କଣ୍ଟାବାଞ୍ଜି ଓ ପଦ୍ମପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ମୌସମ ମିଶ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଧାରାରେ ପ୍ରଭାବିତ ହୋଇ ସେ ବିଜେଡିରେ ଯୋଗ ଦେଇଥିବା ମିନାକ୍ଷୀ କହିଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି ବୋଲି ଉଲ୍ଲେଖ କରି ସେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। କାର୍ଯ୍ୟକ୍ରମକୁ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିରେ କଂଗ୍ରେସ୍ ବିଧାୟକ ପ୍ରାର୍ଥୀ ସରୋଜ ମହାପାତ୍ର ସାମିଲ

# ଶତାଧିକ ସମର୍ଥକ ବି ବିଜେଡିରେ ଯୋଗ ଦେଲେ




ଭୁବନେଶ୍ୱର, ୨୫ ।୪(ସମିସ): ବରଗଡ଼ ଜିଲ୍ଲା ଅନ୍ତର୍ଗତ ଭଟଲି ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ତଥା ୨୦୧୯ କଂଗ୍ରେସ ବିଧାୟକ ପ୍ରାର୍ଥୀ ସରୋଜ କୁମାର ମହାପାତ୍ରଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଶଙ୍ଖଭବନ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, କଣ୍ଟାବାଞ୍ଜି ଓ ପଦ୍ମପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ମୌସମ ମିଶ୍ର ସେମାନଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ସରୋଜ କୁମାର ମହାପାତ୍ର କହିଛନ୍ତି ଯେ, ବିଜେଡି ଅତ୍ୟନ୍ତ ଶୃଙ୍ଖଳିତ ଦଳ। ରାଜ୍ୟବାସୀଙ୍କ କଲ୍ୟାଣ ହିଁ ବିଜେଡିର ଆଭିମୁଖ୍ୟ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ଆମେ ସମସ୍ତେ ବିଜେଡିରେ ଯୋଗ ଦେଇଛୁ। ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ବ୍ଲକ ସଭାପତି ଅଧିକାରୀ ସାହୁ, ଇମାନୁଆଲ ଦତ୍ତ ରଣବୀର, ଯୁଧିଷ୍ଠିର ବାରିକ, ସଂକୀର୍ତ୍ତନ ଦାସ, ରଞ୍ଜିତ ଦାସ, କଂଗ୍ରେସ ଦୁଆନ, ନାରାୟଣ ସାହୁ, ରୋହିତ ବାଗ, ସୁନୀଲ ବେହେରା, ପ୍ରଦ୍ୟୁମ୍ନ ଭୁଏ, ସୁରେଶ ଚନ୍ଦ୍ର ପ୍ରଧାନ ଓ ଅଜିତ କୁମାର ଦାସଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ।

# ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ

## ଚାରି ଅସହାୟ ସନ୍ତାନଙ୍କୁ ସହାୟତା ଦାବି



ଟିଟିଲାଗଡ଼, ୨୫।୪(ସମିସ): ବଲାଙ୍ଗିର ଜିଲ୍ଲା ଲାଠୋର ଗ୍ରାମର ବାବୁଲାଲ ଭୋଇ(୩୫)ଙ୍କ ବୁଧବାର ଅଂଶୁଘାତରେ ମୃତ୍ୟୁ ବରଣ ହୋଇଥିବା ଅଭିଯୋଗ ହେଇଛି। ଟିଟିଲାଗଡ଼ ରେଳ ଷ୍ଟେସନରେ ଅପରାହ୍ଣ ୪ଟା ବେଳେ ସେ ଗୁରୁତର ଅବସ୍ଥାରେ ପଡ଼ିଥିବାରୁ ଜିଆରପି ପୁଲିସ ତାଙ୍କୁ ଟିଟିଲାଗଡ଼ ଜିଲ୍ଲା ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଏକ ଘଣ୍ଟା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଖରାରେ ସେ ଟିଟିଲାଗଡ଼ ସହରର ଏକ କୋଠା ଘରେ କାମ କରି ତାଙ୍କ ଘରକୁ ଯିବା ପାଇଁ ଷ୍ଟେସନରେ ପହଞ୍ଚି ଥିଲେ। ଅଂଶୁଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଚାରି ଛୋଟଛୋଟ ସନ୍ତାନ ଅଛନ୍ତି। ସେ ରାଜ୍ୟ ତଥା ବାହାରକୁ ଦାଦନ ଖଟି ଯାଇଥାନ୍ତି। ବାବୁଲାଙ୍କ ଅକାଳ ମୃତ୍ୟୁରେ ତାଙ୍କ ପରିବାର ଲୋକଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ପାଇଁ ଲୋକେ ଦାବି କରିଛନ୍ତି। ଏନେଇ ଜିଆରପି ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ବିନୟ ଭୋଇ ପ୍ରକାଶ କରିଛନ୍ତି।

■ 'ସକାଳ'ରେ ଖବର ପ୍ରକାଶ ପରେ ଚେତା ପଶିଲା

# ଲାଗିଲା ଟ୍ରାନ୍ସଫର୍ମର; ମିଳିଲା ପାଣି





ହରଭଙ୍ଗା, ୨୫ ।୪ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରାମଗଡ଼ ପଞ୍ଚାୟତ ପ୍ରଗଲପୁର ଗ୍ରାମର ଜଳ ଯୋଗାଣ ଗୃହ ନିକଟରେ ନୂଆ ବିଦ୍ୟୁତ ଟ୍ରାନ୍ସଫର୍ମର ଲାଗିଛି। ଲୋକଙ୍କ ପାଣି ସମସ୍ରା ଦୂର ହୋଇଛି।

**୨୨ ଦିନ ଧରି ଜଳକଷ୍ଟ ଭୋଗୁଥିଲେ ଗ୍ରାମବାସୀ**

ପୂର୍ବ ଟ୍ରାନ୍ସଫର୍ମରଟି ପୋଡିଯିବାରୁ ଦୀର୍ଘ ଦିନ ହେଲେ ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଥିଲେ। ଏପରିକି ବାରମ୍ବାର ଜନ ପ୍ରତିନିଧିଙ୍କଠୁ ଆରମ୍ଭ କରି ବିଦ୍ୟୁତ୍ ବିଭାଗକୁ ଜଣାଇ ଆସୁଥିଲେ ମଧ କୌଣସି ସୁଫଳ ମିଳୁ ନ ଥୁଲା। ଉକ୍ତ ସମସ୍ୟା ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ହୋଇଥିଲା। ଏହି ଖବରକୁ ଆଧାର କରି ମନଧର କର୍ମୀ ବିଭଗୀୟ ଅଧିକାରୀଙ୍କୁ ଟୁଇଟ ମାଧମରେ ଅଭିଯୋଗ କରିଥିଲେ। ଏହା ପରେ ଟାଟା ପାୱାରର ନିଦ ଭାଙ୍ଗିଛି। ଗ୍ରାମରେ ନୂତନ ଟ୍ରାନ୍ସଫର୍ମର ଲଗାଯାଇଛି। ଏହାଫଳରେ ପ୍ରଗଲପୁରବାସୀ ପାନୀୟଜଳ ପାଇବା ସହ ଦୈନିକ ସକାଳକୁ ଧନ୍ୟବାଦ ଜଣାଇଛନ୍ତି।

# ବିଜେଡିରେ ମିଶିଲେ ବୀରମହାରାଜପୁରର ଅନେକ କଂଗ୍ରେସ, ବିଜେପି ନେତା

ବୀରମହାରାଜପୁର, ୨୫ ।୪ (ସମିସ): ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ଛାଡିଥିବା ତୁଙ୍ଗ ନେତା ଗୁରୁବାର ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ସମସ୍ତଙ୍କୁ ଉତ୍ତରୀୟ ଦେଇ ବିଜେଡିରେ ସାମିଲ କରିଥିଲେ। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ସୋନପୁର ଜିଲ୍ଲା ବିଜେଡି ଉପସଭାପତି ରଞ୍ଜିତ ରଥଙ୍କ ଉପସ୍ଥିତରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜଗୋପାଳ ପାଣିଗ୍ରାହୀ, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା କୋଷାଧକ୍ଷ ରଘୁବୀର ପାଣିଗ୍ରାହୀ, ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ ଓବିସି ସେଲ୍‌ଫ ପୂର୍ବତନ ସଭାପତି ପ୍ରେମାନନ୍ଦ ଜଟି, ଜିଲ୍ଲା କଂଗ୍ରେସ ଓବିସି ସେଲ୍‌ଫ ସଭାପତି ହରିହର ପାତ୍ର, କେନଝିରିଆପାଲି ପୂର୍ବତନ ସମିତି ସଭ୍ୟ ରୁଷଭ ପଧାନ, ଖଣ୍ଡହତା ପୂର୍ବତନ ସରପଞ୍ଚ ବରିଷ୍ଠ କଂଗ୍ରେସ ନେତା ନିତ୍ୟାନନ୍ଦ ସାହୁ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।




# ବିଜେଡିରେ ଯୋଗ ଦେଇଥିବା ମୁକେଶ ଜୈନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




## ବିଜେଡିରେ ସାମିଲ ହେଲେ ବହୁ ବିଜେପି କର୍ମୀ

ଟିଟିଲାଗଡ଼, ୨୫।୪(ସମିସ): ଟିଟିଲାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବିଜେପି ଦଳରୁ ବିଧାୟକ ଆଶାୟୀ ପ୍ରାର୍ଥୀ ମୁକେଶ ଜୈନ ଭୁବନେଶ୍ୱର ଶଙ୍ଖ ଭବନରେ ବିଜେଡି ଦଳରେ ଯୋଗଦେଇଛନ୍ତି। ପରେ ଟିଟିଲାଗଡ଼ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ବିଶାଳ ମଟରସାଇକଲ ରାଲିରେ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ମନ୍ତ୍ରୀ ଟୁକୁନି ସାହୁ ତାଙ୍କୁ ସ୍ୱାଗତ କରିବା ସହ ଏକ ସଭାର ଆୟୋଜନ କରିଥିଲେ। ସଭାରେ ମୁକେଶ ଜୈନ ଓ ବିଜେପିରୁ ଇସ୍ତଫା ଦେଇଥିବା ଶତାଧିକ କର୍ମୀଙ୍କୁ ଟିଟିଲାଗଡ଼ର ସର୍ବାଙ୍ଗୀନ ଉନ୍ନତିରେ ସାମିଲ ହେବାପାଇଁ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଥିଲେ। ଟିଟିଲାଗଡ଼ ବ୍ଲକର ପରାସରା ଓ ଗୁଡ଼ଭେଲା ବ୍ଲକର ବିରମୁଣ୍ଡା ଗ୍ରାମ ପଞ୍ଚାୟତର ବିଜେପି କର୍ମୀ ମୁକେଶ ଜୈନଙ୍କ ନେତୃତ୍ୱରେ ବିଜୁ ଜନତା ଦଳରେ ଯୋଗଦେଇଥିଲେ।

# ଘର ଘର ବୁଲି ଭିକ୍ଷା ମାଗୁଛନ୍ତି ବିଧାୟକ ପ୍ରାର୍ଥିନୀ

ସୋନପୁର, ୨୫ ।୪ (ସମିସ): ପ୍ରବଳ ଗ୍ରୀଷ୍ମପ୍ରବାହ ଠାରୁ ବଳିପଡୁଛି ନିର୍ବାଚନୀ ଉଷ୍ମତା। ନିଜ ସପକ୍ଷରେ ଭୋଟ ଯୋଗାଡ଼ କରିବାକୁ ଯାଇ ବିଭିନ୍ନ ଦଳର ପ୍ରାର୍ଥୀ ଦିନରାତି ଏକ କରି ବିଭିନ୍ନ ଗ୍ରାମରେ ପ୍ରଚାର ଚଳାଇଛନ୍ତି। ସ୍ଥାନେ ସ୍ଥାନେ ମିଶ୍ରଣ ପର୍ବ ଆୟୋଜନ କରି ନିଜ ନିଜ ଦଳର ବଳ ଗୋଟାଇବାରେ ଲାଗି ପଡ଼ିଛନ୍ତି। ତେବେ ଏହାରି ଭିତରେ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା ଲାଗି ରହିଛି। ସୋନପୁର ବିଧାନସଭାରେ ନବନିର୍ମାଣ କୃଷକ ସଂଗଠନ ସମର୍ଥିତ



ସ୍ୱାଧୀନ ପ୍ରାର୍ଥୀ ଯୁବନେତ୍ରୀ ସୋନାଲି ବିଶି ନିର୍ବାଚନ ଲଢିବାକୁ ଭିକ୍ଷା ମାଗୁଛନ୍ତି। ଘରକୁ ଘର ବୁଲି ସେ ଚାଉଳ ଓ ଟଙ୍କା ମାଗୁଛନ୍ତି। ଏବେ ନିର୍ବାଚନ ଖୁବ୍ ବ୍ୟୟ ବହୁଳ। ତେଣୁ ନିଜ ହାତରୁ ଖର୍ଚ୍ଚ କରି ଜଣେ ଚାଷୀ ପରିବାରର ସଦସ୍ୟ ନିର୍ବାଚନ ଲଢିବା କଷ୍ଟସାଧ ବୋଲି ସୋନାଲି କହିଛନ୍ତି। ବିଭିନ୍ନ ଗ୍ରାମରେ ଥିବା ଅଭାବ ଅସୁବିଧା ସମ୍ପର୍କରେ ଲୋକଙ୍କ ସହ କଥାବାର୍ତ୍ତା ହେବା ସହ ଚାଷୀଙ୍କୁ ଭେଟି ସମର୍ଥନ କାମନା କରୁଛନ୍ତି। ଭୋଟ ଲଢିବାକୁ ଚାଉଳ ଓ କିଛି ଟଙ୍କା ଦେବାପାଇଁ ସେ ଲୋକଙ୍କୁ ନିବେଦନ କରୁଛନ୍ତି। ଲୋକେ ମଧ ତାଙ୍କର ଏଭଳି ନିବେଦନ ରଖି ଯଥା ସାଧ ଦାନ କରୁଛନ୍ତି। ଚାଷୀ ତା ନିଜର କଷ୍ଟ ଉପାର୍ଜିତ କିଛି ଟଙ୍କା ଦାନ କଲେ ତାଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇ ଯାଉଛି ବୋଲି ସୋନାଲି କହିଛନ୍ତି।

# କଂଗ୍ରେସ ଓ ବିଜେପି ଛାଡି ବିଜେଡିରେ ଯୋଗଦେଲେ ୧୫୦ କର୍ମୀ

ପାଟଣାଗଡ଼, ୨୫।୪(ସମିସ): ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ଓ ନିର୍ମଳ ଭାବମୂର୍ତ୍ତି ସହ ପାଟଣାଗଡ଼ ବିଧାୟକ ସରୋଜ ମେହେରଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏନଏସି, ବଥର୍ଲା, କେନ୍ଦୁମୁଣ୍ଡି ଓ ଚଙ୍ଗରିଆ ପଞ୍ଚାୟତର ପ୍ରବୀଣ ପୁରୋହିତଙ୍କ ନେତୃତ୍ୱରେ ୧୫୦ରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ଦଳଛାଡି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ବିଧାୟକ ଶ୍ରୀ ମେହେର ଦଳୀୟ ଉପଢ଼ୌକନ ଦେଇ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବିଧାୟକଙ୍କ ସହ ବରିଷ୍ଠ ବିଜେଡି ନେତା ପ୍ରଦୀପ ପୁରୋହିତ, ସହଦେବ ପୁରୋହିତ, ବିଧାୟକ ପ୍ରତିନିଧୀ ହିମାଞ୍ଚଳ ପଧାନ, ଏନଏସି ଉପାଧକ୍ଷ ପ୍ରଫୁଲ୍ଲ ମେହେରଙ୍କ ସହ ଅନେକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।




# ଜିଲ୍ଲାରେ ସାଧାରଣ ନିର୍ବାଚନ ସରଳ ଓ ତ୍ରୁଟିଶୂନ୍ୟ ପାଇଁ ସେକ୍ଟର ଅଧିକାରୀଙ୍କ ସମୀକ୍ଷା ବୈଠକ

ବଲାଙ୍ଗିର, ୨୫।୪(ସମିସ)

ସାଧାରଣ ନିର୍ବାଚନକୁ ସରଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ସେକ୍ଟର ଅଧିକାରୀମାନଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ହେବାକୁ ଥିବା ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟାରେ ନିଯୁକ୍ତ ସେକ୍ଟର ଅଧିକାରୀମାନେ ଭୀମଭୋଇ ମେଡିକାଲ କଲେଜ ଅଡିଟୋରିମରେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଗୌରୱ ଶିୱାଜୀ ଇସଲୱାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସମସ୍ତ ସେକ୍ଟର ଅଧିକାରୀଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିହିତ କରିଥିଲେ। ରିଟର୍ନିଂ ଅଧିକାରୀ ଏବଂ ପ୍ରିଜାଇଡିଂ ଅଧିକାରୀଙ୍କ ମଧ୍ୟରେ ସେମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭେଇଥାନ୍ତି। ପୋଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ସାଧାରଣ ନିର୍ବାଚନ ପରିଚାଳନା ନିଜନିଜ ଦାୟିତ୍ୱ କିପରି ନିର୍ଭୁଲ ଭାବରେ ତୁଲାଇବେ ସେ ସମ୍ପର୍କରେ ସେକ୍ଟର ଅଧିକାରୀମାନେ କହିଥିଲେ। ପୋଲିଂ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ପ୍ରଦର୍ଶନ କେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଯିବେ ଓ ବୁଥ୍‌ରେ କେଉଁ ଅଧିକାରୀଙ୍କ କଣକଣ କାର୍ଯ୍ୟ ତାହା ଉପରେ ଧ୍ୟାନ ଦେବାକୁ କହିଥିଲେ। ଭୋଟ ଗ୍ରହଣ ଦିନ ଶାନ୍ତି ଶୃଙ୍ଖଳା ସହ ଭୋଟ ଦାନ ପ୍ରକିୟା କିପରି ହେବ ଏବଂ ସେକ୍ଟର ଅଧିକାରୀଙ୍କ କିପରି ଯୋଗାଯୋଗ ରଖି ସୂଚନା ଦେବେ ସେ ବାବଦରେ ଆଲୋଚନା କରିଥିଲେ। ଏଥି ସହିତ, ଜିଲ୍ଲାପାଳ ନିର୍ବାଚନ ସମୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ସୁବିଧା ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଥିଲେ। ଶାରୀରିକ ସମସ୍ୟା ଦେଖାଦେଲେ ତୁରନ୍ତ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ କହିଥିଲେ। ନିର୍ବାଚନ ପାଇଁ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାପକ ଔଷଧ, ଆମ୍ବୁଲାନ୍ସ ଓ ଜରୁରୀ ସେବା ସହ ଡାକ୍ତରମାନେ ଉପସ୍ଥିତ ରହିବେ ବୋଲି ସେ ସୂଚନା ଦେଇଥିଲେ। ସେହିପରି କୌଣସି ଅସୁବିଧା ହେଲେ ତୁରନ୍ତ ସମ୍ପୃକ୍ତ ଅଧିକାରୀ ଉପରିସ୍ତ ଅଧିକାରୀମାନଙ୍କୁ ଜଣେଇବା ସହ ସମାଧାନ କରିବାକୁ ଆବଶ୍ୟକ ପଦକ୍ଷେପ ନେବେ। ହୋମ ଭୋଟିଂ, ଭୋଟିଂ ଗୃହ, ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କ ରହିବା ସୁବିଧା ଆଦିକୁ ବିଶେଷ ଧ୍ୟାନ ଦେବା ସହ ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ ଆଦି ସମସ୍ତ ବୁଥ୍‌କୁ ଗ୍ରସ୍ତ କରି ଦେଖିବାକୁ ନିର୍ଦ୍ଦେଶ ଦେଇଥିଲେ।



# ନିର୍ବାଚନ ସମୟରେ ଚୋରା ନିଶା କାରବାର



**ସମ୍ବଲପୁର, ୨୫।୪(ସମିସ)**

ସମ୍ବଲପୁର ଜିଲ୍ଲାରେ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ପୁଲିସ, ଅବକାରୀ ବିଭାଗ ଚଢଉ କରୁଛି। ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରୁଛି। ହେଲେ ମାଫିଆମାନଙ୍କୁ ଗିରଫ କରିପାରୁ ନଥିବାରୁ ସେମାନେ ସକ୍ରିୟ ଭାବେ ଚୋରା କାରବାର କରୁଛନ୍ତି। ଅବକାରୀ ଓ ପୁଲିସ ବିଭାଗର ଅବହେଳା ଓ କେତକ ସ୍ଥାନରେ ଜାଣତରେ କୁଚିଆ ବେପାର ଚାଲିଥିବା ଅଭିଯୋଗ ହେଉଛି। କେବଳ ମଦ ନୁହେଁ ଗଞ୍ଜେଇ, ଦେଶୀମଦ, କଫ ସିରପ ସହିତ ନକଲି ଦେଶୀ ଓ ବିଦେଶୀ ମଦ ମଧ୍ୟ ଅବାଧରେ ବିକ୍ରି ହେଉଛି। ଗ୍ରାମାଞ୍ଚଳରେ ଜଙ୍ଗଲ ଓ ନାଳ ପାର୍ଶ୍ୱରେ ଅବାଧ ଭାବେ ଦେଶୀ ରନ୍ଧା ମଦ ପ୍ରସ୍ତୁତି ଚାଲିଛି। କେତେକ ସ୍ଥାନରେ ମଦ ଦୋକାନୀମାନଙ୍କ ଜାଣତରେ ନକଲି ବିଦେଶୀ ମଦର କାରଖାନା ମଧ୍ୟ ଚାଲିଛି। ଏବେ ନିର୍ବାଚନୀ ସମୟ ଚାଲିଛି। ଚୋରା ଓ ନକଲି ମଦ ବଜାର ବେଶ ଜମିବ। ମାଫିଆମାନେ ଲାଭବାନ ହେବେ ବୋଲି ଅଭିଯୋଗ ହେଉଛି। ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଜିଲ୍ଲାରେ ନିର୍ବାଚନୀ ମାହୋଲ ସରଗମ ହୋଇଛି। ଯୁବଗୋଷ୍ଠୀଙ୍କୁ ପ୍ରଭାବିତ କରିବା ପାଇଁ ବିଭିନ୍ନ ଦଳର ମଦ, ମାଂସ ଦେଇ ଭୋଜିଭାତର ଆୟୋଜନ କରୁଛନ୍ତି। ଚୋରା ମାଦକଦ୍ରବ୍ୟ କାରବାର ବଢ଼ିବାରେ ଲାଗିଛି। ଜିଲ୍ଲାର ହାଟବଜାର, ଖେଳପଡ଼ିଆ, କେନାଲ ରାସ୍ତା ଯେଉଁଠି ଦେଖିଲେ ମଦ ପାଉଚ୍ ବିକ୍ରି ହେଉଛି। ସନ୍ଧ୍ୟା ହେଲେ ବିଭିନ ଭିନ୍ନ ସ୍ଥାନ ଓ ପଡ଼ିଆରେ ଦେଶୀ ମଦର ଆସର ଜମୁଛି। ଢାବା ଗୁଡ଼ିକରେ ଖୁଲମଖୁଲା ବିଦେଶୀ, ଦେଶୀ ଗାଁ ଠାରୁ ସହର ଛକ, ବଜାର ସବୁଠି ମିଳୁଛି ପାଉଚ୍ ମଦ ମନଇଚ୍ଛା ଦରବୃଦ୍ଧି କରି ନିର୍ବାଚନ ସମୟରେ ଅର୍ଥ ରୋଜଗାର କରିବା ସହ ନିର୍ବାଚନକୁ ପ୍ରଭାବିତ କରିବେ। ଜିଲା ଅବକାରୀ ବିଭାଗ ଓ ପୁଲିସ କର୍ମଚାରୀମାନେ ବିଭିନ୍ନ ସମୟରେ ଯଦିଓ ଚଢଉ କରୁଛନ୍ତି ଏହି କାରବାର ଉପରେ ପୂର୍ଣ୍ଣ ଅଙ୍କୁଶ ଲଗାଇ ପାରୁନାହାଁନ୍ତି। ନିର୍ବାଚନ ସମୟରେ ନିଶାଦ୍ରବ୍ୟ ଯେଭଳି ଭାବେ ବ୍ୟବହାର ନ ହେବ, ଲୋକଙ୍କୁ ନିଶା ଦେଇ ପ୍ରଭାବିତ ନ କରିବେ ଦୃଷ୍ଟି ଦେବାକୁ ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉଚ୍ଚସ୍ତରୀୟ ବୈଠକ, ଜିଲ୍ଲା ସ୍ତରୀୟ ବୈଠକ ବାରମ୍ବାର ହେଉଛି। କିଭଳି ଭାବେ ଚଢଉ କରାଯିବ ସେ ନେଇ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଇଛି। ହେଲେ ଲାଭ ମିଳିପାରୁ ନାହିଁ। ସହର ଓ ଜିଲ୍ଲାରେ କିଛି ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆସର ଜମୁଛି କାରବାରକୁ ଦେଖି ଏହା ପାରେ ଏକାଧିକ ଫାଷ୍ଟଫୁଡ୍ ଦୋକାନ ଖୋଲାଯାଇଛି। ମଦ ପିଇବା ପରେ ଏହି ସ୍ଥାନରେ ଅନେକ ପ୍ଲାଷ୍ଟିକ୍ ଗ୍ଲାସ, ପ୍ଲେଟ୍ ଓ ମଦ ବୋତଲ ଫୋପାଡି ଦେଉଛନ୍ତି। ଏହାଦ୍ୱାରା ମଦ ଦୋକାନ ସମ୍ମୁଖ ରାସ୍ତା ଓ ଏହା ପାର୍ଶ୍ୱରେ କେନାଲରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। କେନାଲ ପାଣିରେ ପ୍ଲାଷ୍ଟିକ୍ ଗ୍ଲାସ, ମଦ ପାଉଜ ଜରି ଓ ପ୍ଲେଟ୍ ଭାସୁଥିବାର ଲକ୍ଷ୍ୟ କରାଯାଉଛି। ସେହିପରି ଠିପି ବନ୍ଦ ମଦ ଦୋକାନରୁ ବେ ବେଆଇନ ଭାବେ ଢାବାଗୁଡିକୁ ବିପୁଳ ପରିମାଣର ମଦ ଚାଲାଣ ହେଉଛି। ଚଳିତ ସାଧା ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ପାଇଁ ନିର୍ବାଚନ ନମିଶନର ଗୁରୁତ୍ୱ ଦେଉଛନ୍ତି। ଜିଲ୍ଲାସ୍ତରରେ ଯେଭଳି ଭଳି ଅବାଧ ମଦ କାରବାର ବନ୍ଦ ସେ ନେଇ ରାଜ୍ୟ ନିର୍ବାଚନ କମିଶନର ସମସ୍ତ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାସ୍ତରରେ ଗୋଟିଏ ଟିଏ ଲେଖାଏଁ ସ୍ୱତନ୍ତ୍ର ଯୁଗ୍ମ ତଥା ବହୁମୁଖୀ ପ୍ରବର୍ତ୍ତନ ଦଳ ଗଠନ କରିବାକୁ କୁହାଯାଇଛି। ତେଣୁ ବହୁମୁଖୀ ପ୍ରବର୍ଗନ ଦଳ ଜିଲାରେ ଚୋରା ମାଦକଦ୍ରବ୍ୟ କାରବାର ଉପରେ ନଜର ରଖିବାକୁ ବୁଦ୍ଧିଜୀବୀ ମହଲ ଦାବି ହେଉଛି।

## ଚାଷୀଙ୍କ ପାଇଁ ନୂତନ ୧୧କେଭି ଫିଡର୍‌ଲାଇନ ବ୍ୟବସ୍ଥା

# ଲୋ-ଭୋଲଟେଜ୍ ରହିବନି, ଉପକୃତ ହେବେ ୫୦୦ ଚାଷୀ

**ବୁର୍ଲା, ୨୫।୪(ସମିସ):** ପଶ୍ଚିମ ଓଡ଼ିଶାର ଅଗ୍ରଣୀ ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ଏହାର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ଦିଗରେ ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣ କରୁଛି। ଏହି ଧାରାରେ ବରଗଡ଼ ଜିଲ୍ଲାର ବରଗଡ଼ ବ୍ଲକର ଚାଷୀଙ୍କ ଉଠା ଜଳସେଚନ ପାଇଁ ପୃଥକ ଭାବେ ନୂତନ ୧୧ କେଭି ଫିଡର୍ ଲାଇନକୁ ସଂସ୍ଥାପିତ କରିଛି ଟିପିଡବ୍ଲୁଓଡିଏଲ୍। ଚଳିତ ଗ୍ରୀଷ୍ମ ଋତୁରେ ଲୋ-ଭୋଲଟେଜ୍ ସମସ୍ୟାକୁ ରୋକିବା ପାଇଁ ବରଗଡ଼ ଜିଲ୍ଲା ବରଗଡ଼ ବ୍ଲକ ଅନ୍ତର୍ଗତ ଡୁମେରପାଲି, କଟାପାଲି, ନିଲେଶ୍ୱର, ବିରମାଳ, ନୂଆପାଲି, ବାଲିଯୋରୀ ଏବଂ ପିପ୍ଳିପାଲି ଗ୍ରାମର ଚାଷୀମାନଙ୍କ ସୁବିଧା ଲାଗି ସରଣ୍ଡାପାଲି ପିଏସ୍ଏସ୍‌ରୁ ପ୍ରାୟ ୧୮ କି.ମି. ଦୂରରେ ନୂତନ ୧୧ କେଭି ଫିଡର୍ ଲାଇନ ଆରମ୍ଭ କରିଛି ଟିପିଡବ୍ଲୁଓଡିଏଲ୍। ଏହି ନୂତନ ୧୧ କେଭି ଫିଡର୍ ଲାଇନ ଚାର୍ଜ ହେବା ପରେ ଉକ୍ତ ଗ୍ରାମର ପ୍ରାୟ ୫୦୦ ଚାଷୀ ଏଥିରୁ ଉପକୃତ ହୋଇପାରିବେ। ଏହି ନୂତନ ଫିଡର୍ ଲାଇନର ସଂଯୋଗ ପାଇଁ ପାଖାପାଖି ୩ କୋଟି ଟଙ୍କାର ଖର୍ଚ୍ଚ ଭାର ବହନ କରିଛି ଟିପିଡବ୍ଲୁଓଡିଏଲ୍। କମ୍ପାନୀର ରକ୍ଷଣାବେକ୍ଷଣ ବିଭାଗର ମୁଖ୍ୟ ଆଶିଷ କୁମାର ପାଟଯୋଶୀ ଏବଂ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ନୂତନ ୧୧ କେଭି ଫିଡର୍ ଲାଇନ ସଂଯୋଗର ଶୁଭାରମ୍ଭ ଗତ କାଲି କରାଯାଇଛି। ପ୍ରକାଶଥାଉ କି, ଏହି ନୂତନ ୧୧ କେଭି ଫିଡର୍ ଲାଇନ କେବଳ ଯେ, ବରଗଡ଼ ବ୍ଲକର ଚାଷୀଙ୍କୁ ଫାଇଦା ଯୋଗାଇ ଦେବ ତାହା ନୁହେଁ ବରଂ ଏହା ଡୁମେରପାଲି ସ୍ଥିତ ପୁରୁଣା ୧୧ କେଭିର ଫିଡର ଲାଇନରେ ହେଉଥିବା ଓଭରଲୋଡିଂ ସମସ୍ୟାକୁ ମଧ୍ୟ ଦୂର କରିବ। କାରଣ ପୂର୍ବରୁ ଏହି ଗୋଟିଏ ଫିଡର ଲାଇନରୁ ଉଭୟ ଘରୋଇ ଉପଭୋକ୍ତା ଏବଂ ଚାଷ କାର୍ଯ୍ୟ ନିମନ୍ତେ ବିଦ୍ୟୁତ୍ ସଂଯୋଗ କରାଯାଉଥିଲା। ଫଳରେ ଓଭଲଲୋଡିଂ କାରଣରୁ ଏଠାରେ ଦୀର୍ଘ ଦିନ ଧରି ଲୋ-ଭୋଲଟେଜ୍ ସମସ୍ୟାକୁ ଲାଗି ରହିଥିଲା। ମାତ୍ର ଚାଷୀଙ୍କ ଉଠା ଜଳସେଚନ ପାଇଁ ପୃଥକ ଭାବେ ଏହି ନୂତନ ଫିଡର ଲାଇନର ସଂସ୍ଥାପନ ପରେ ଉକ୍ତ ଗ୍ରାମରେ ଲୋ-ଭୋଲଟେଜର ସମସ୍ୟା ଦୂର ହେବ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଇଛି। ଏହି ପଦକ୍ଷପ ପାଇଁ ବରଗଡ଼ ବ୍ଲକର ଚାଷୀ ତଥା ଘରୋଇ ବିଦ୍ୟୁତ୍ ଉପଭୋକ୍ତାମାନେ ଖୁସି ବ୍ୟକ୍ତ କରିଛନ୍ତି। ଏହି ପରିପେକ୍ଷୀରେ କମ୍ପାନୀରେ ନୂତନ ଭାବେ ଦାୟିତ୍ୱ ବହନ କରିଥିବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମା ପ୍ରକାଶ କରିଛନ୍ତି ଯେ, ଏହିପରି ଯୋଜନାବଦ୍ଧ ଭାବେ କମ୍ପାନୀ ତରଫରୁ ଦୀର୍ଘ ମିଆଦି କାର୍ଯ୍ୟକ୍ରମ ହାତକୁ ନେଇ ସମୁଦାୟ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଚେଷ୍ଟା କରାଯିବା। ଏଥି ନିମନ୍ତେ ସେ ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## ଅସହାୟ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



**ସମ୍ବଲପୁର,୨୪।୪(ସମିସ):** ସମ୍ବଲପୁର ମହାନଗରୱାର୍ଡ ନଂ. ୨୬ ନୂଆପଡ଼ାରେ ସମାଜସେବୀ ହରଦୀପ ସିଂହ ଭୁର୍ଜି (ବବି ଭାଇ)ଙ୍କ ସୌଜନ୍ୟରୁ ଅଭାବ, ଅନଟନ ତଥା ରୋଗାଗ୍ରସ୍ତ ୨ଟି ପରିବାରକୁ ରାସନ ସାମଗ୍ରୀ ସହ ଅର୍ଥ ପ୍ରଦାନ କରାଯାଇଛି। ନୂଆପଡ଼ାର କୀର୍ତ୍ତନ ତାଣ୍ଡି(୪୫) ଦୀର୍ଘଦିନରୁ ରୋଗାଗ୍ରସ୍ତ ହେଇ ଘରେ ପଡ଼ିରହିଛନ୍ତି। ତାଙ୍କ ତିନୋଟି ଛୁଆ ଅଛନ୍ତି। ଅନ୍ୟ ପରିବାରର ମୁଖିଆଙ୍କ ମୃତ୍ୟୁ ଘଟିଛି। ଏହାପରେ ଅସହାୟ ତପସ୍ୱିନୀ ପଣ୍ଡା(୩୮) ନିଜ ଛୁଆ ମାନଙ୍କ ସହ ବହୁ କଷ୍ଟରେ ଜୀବନ ଯାପନ କରୁଛନ୍ତି। ଏହି ଦୁଇ ପରିବାରର ଦୁଃଖ ଜାଣିବା ପରେ ବବି ଭାଇ ସହାୟତାର ହାତ ବଢ଼ାଇଥିଲେ। ସହାତା ପ୍ରଦାନ ସମୟରେ ଆଇନଜୀବୀ ସବିନୟ ପୂଜାରୀ, ସଞ୍ଜୀବ ପଟ୍ଟନାୟକ, ମହିଳା ନେତ୍ରୀ ଡଲି ସାହୁ, ମୁନୀ ବେଗମ, ମାମି ଆଇନ, ସମାଜସେବୀ ହରିହର ପାଣି, ହରେକୃଷ୍ଣ ସରାଫ, ସନ୍ତୋଷିନୀ ତାଣ୍ଡି, ରାଧିକା ତୁରା, ଜଗନ୍ନାଥ ବଗର୍ତ୍ତୀ, ବସା ତୁରା, ଆକାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଆମ୍‌କୋ ସିମ୍‌କୋ ଦିବସ

**ସମ୍ବଲପୁର, ୨୫।୪(ସମିସ):** ଆଜି ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଆମ୍‌କୋସିମ୍‌କୋ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ଶିବନାରାୟଣ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଡ. ହରିଶଙ୍କର ପଣ୍ଡା ଭାଗବତରୁ ଦୃଷ୍ଟାନ୍ତ ଦେଇ କହିଥିଲେ, ଆଦିବାସୀମାନେ ହେଉଛନ୍ତି ମୂଳ ବାସିନ୍ଦା। ଜଳ, ଜଙ୍ଗଲ ଓ ଜମି ଉପଭୋଗ କରି ନିଜ ଜୀବନ ନିର୍ବାହ କରିବା ନିମନ୍ତେ ଭାରତୀୟ ସଭ୍ୟତା ସେମାନଙ୍କୁ ପ୍ରାଚୀନକାଳରୁ ଅଧିକାର ଦେଇଆସିଛି। ତେବେ ତାଙ୍କର ସେହି ଅଧିକାର ଉପରେ ଆଞ୍ଚ ଆସିଲେ ଆଦିବାସୀ ଗୋଷ୍ଠୀ ଆନ୍ଦୋଳନ କରିବା ସ୍ୱାଭାବିକ। ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଏଭଳି ଆନ୍ଦୋଳନ କରିବାରୁ ଆମ୍‌କୋସିମ୍‌କୋ ନରସଂହାର ଘଟଣା ଘଟିଥିଲା। ବ୍ରିଟିଶ ଗୁଳିରେ ବହୁ ଆଦିବାସୀ ଆନ୍ଦୋଳନକାରୀ ସେଠାରେ ନିଜ ପ୍ରାଣ ବିସର୍ଜନ କରିଥିଲେ ବୋଲି କହିଥିଲେ। ଆଲୋଚକ ଭାବରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର କହିଥିଲେ, ଗାଙ୍ଗପୁର ରାଜରାଣୀଙ୍କ ଜରିଆରେ ଆଦିବାସୀ ଆନ୍ଦୋଳନକୁ ଦମନ କରିବା କ୍ରମରେ ଏଭଳି ଘଟଣା ଘଟିଥିଲା। ଯାହା ବ୍ରିଟିଶ ଅତ୍ୟାଚାରର ଏକ ଜ୍ୱଳନ୍ତ ଉଦାହରଣ। ଆଲୋଚକ ଐତିହାସିକ ଦୀପକ ପଣ୍ଡା କହିଥିଲେ, ବ୍ରିଟିଶମାନଙ୍କ ମୂଳ ଉଦ୍ଦେଶ୍ୟ ଥିଲା ଖଜଣା ଆଦାୟ। ତେବେ ଖଜଣା ଟକସ ପଇଠ କରିବା ଆଦିବାସୀମାନଙ୍କ ପରମ୍ପରା ବିରୋଧ ଥିଲା। ସେମାନେ ଟକସ କମ କରିବାକୁ ଏକଜୁଟ ହୋଇ ଯୋଜନା କରିବା ବ୍ରିଟିଶ ଶାସକଙ୍କ ଚକ୍ଷୁଶୂଳ ହେଲା ଓ ଜାଲିୱାନାବାଲାବାଗ ଭଳି ଏକ ଘଟଣା ଓଡ଼ିଶାରେ ଘଟିଗଲା। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସହସମ୍ପାଦକ ସୁରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫୁଲ୍ଲ ହୋତା, ଲଳିତ ମୋହନ ବେବର୍ତ୍ତା, ସବ୍ୟସାଚୀ ମିଶ୍ର, ଦିଲୀପ କୁମାର ବଘାର ପ୍ରମୁଖ କାର୍ଯକ୍ରମରେ ସହଯୋଗ କରିଥିଲେ।




## ରେଙ୍ଗାଲି ପ୍ରାର୍ଥୀଙ୍କ ମାରାଥନ ପ୍ରଚାର



**ବୁର୍ଲା, ୨୫।୪(ସମିସ):** ନିର୍ବାଚନ ପାଖେଇ ଆସୁଥିବାବେଳେ ରେଙ୍ଗାଲି ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ସୁଦର୍ଶନ ହରିପାଲ ପ୍ରଚାରକୁ ଜୋରଦାର କରିଛନ୍ତି। ଚାଉଁରପୁର ଗ୍ରାମରେ ଘର ଘର ବୁଲି ପ୍ରଚାର କରିଥିବାବେଳେ ଯୋଡି ଶଙ୍ଖ ପାଇଁ ନିବେଦନ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ବିକାଶ ଧାରରେ ରେଙ୍ଗାଲିକୁ ଆଗକୁ ନେବା ପାଇଁ ଆଗେଇ ଆସିବାକୁ ଭୋଟରଙ୍କୁ ଅନୁରୋଧ କରିଛନ୍ତି। ପ୍ରଥମେ ଚାଉଁରପୁରରେ ଜନତାଙ୍କୁ ଭୋଟ ଭିକ୍ଷା କରିବା ପରେ କଳାମାଟି ପଞ୍ଚାୟତ ଲଡୁଖାଇକୁ ଯାଇ ସେଠାରେ ଅନୁଷ୍ଠିତ ନାମଯଜ୍ଞରେ ସାମିଲ ହୋଇଥିଲେ। ପରେ ତୁଲଣ୍ଡି ଗାଁକୁ ଯାଇ ପ୍ରଚାରକୁ ଜୋରଦାର କରିଛନ୍ତି। ରେଙ୍ଗାଲିର ବିଜେଡି ପ୍ରାର୍ଥୀ ସୁଦର୍ଶନ ହରିପାଲଙ୍କ ପ୍ରତି ଅଭୁତପୂର୍ବ ଜନସମର୍ଥନ ଦେଖିବାକୁ ମିଳୁଛି। ଏଥର ଯୋଡି ଶଙ୍ଖ ପାଇଁ ଲୋକେ ମନସ୍ଥ କରିଥିବା ସୁଦର୍ଶନ କହିଛନ୍ତି।

## ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ସମ୍ବଲପୁର, ୨୫।୪(ସମିସ):** ସମ୍ବଲପୁର ମହାନଗର ସରକାରୀ ମହିଳା ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କଲେଜର ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ, ପ୍ରଫେସର ଭୋଜରାଜ ରୋହିଦାସ, ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସହସଂଯୋଜିକା ଡଃ ଭାରତୀ ମିଶ୍ର, ପ୍ରଫେସର ସୁନନ୍ଦିନୀ ଦାଶ, ବବିତା ନାୟକ, କ୍ୟାପଟେନ ସରିତା ନାୟକ ଏବଂ ମାଷ୍ଟରଟ୍ରେନର ସମୂହ ମଞ୍ଚାସୀନ ଥିଲେ। ଅଧକ୍ଷା ପ୍ରଫେସର ବରାଳ ଛାତ୍ରୀମାନଙ୍କ ନିମନ୍ତେ ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ତଥା ଏହାର ସୁଦୂରପ୍ରସାରୀ ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଭୋଇ ଆତ୍ମରକ୍ଷା ପ୍ରଶିକ୍ଷଣ ସହିତ ଆତ୍ମବିଶ୍ୱାସ, ଆତ୍ମନିୟନ୍ତ୍ରଣ ଏବଂ ଅନାଗତ ସମସ୍ୟାକୁ ପ୍ରତିହତ କରିବା ପାଇଁ ଉପସ୍ଥିତ ବୁଦ୍ଧିର ସଫଳ ପ୍ରୟୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସହସଂଯୋଜିକା ଡଃ ମିଶ୍ର ୨୦ଦିନ ଧରି ଚାଲିଥିବା ସମୁଦାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ରିପୋର୍ଟ ପାଠ କରିଥିଲେ। ପ୍ରଫେସର ଦାଶ ପୁରସ୍କାର ବିତରଣ ଉତ୍ସବକୁ ପରିଚାଳନା କରିଥିବାବେଳେ କ୍ୟାପ୍‌ଟେନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଶତାଧିକ ଛାତ୍ରୀ ଅଧାପକ, ଅଧାପିକା ତଥା ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ମୀନାରାଣି ମଲ୍ଲିକ, ସୁଷମା ତିକ୍ରୀ, ତନୁଜ ମହପାତ୍ର, ଇଷା ନାଏକ ପ୍ରମୁଖ ଭାଗ ନେଇଥିଲେ।

## ଅମର ମହାନ୍ତିଙ୍କ ପରଲୋକ

**ହୀରାକୁଦ, ୨୫।୪ (ସମିସ):** ହୀରାକୁଦ ନିବାସୀ ସମସ୍ତଙ୍କର ପ୍ରିୟ ଅମର ମହାନ୍ତି(ସିଲୁ ଭାଇ)ଙ୍କ ଆଜି ରାତି ୨ଟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଯାଇଛି। ସେ ବିଜୁ ଜନତା ଦଳର ଜଣେ ସକ୍ରିୟ କର୍ମୀ ଥିଲେ। ସେ ବିଜୁବାବୁଙ୍କ ଜନତା ଦଳ ସମୟରୁ ପାର୍ଟି ପାଇଁ କାମ କରି ଆସୁଥିଲେ। ସେ ଜଣେ ମେଳାପୀ, ମିଷ୍ଟାଭାଷୀ ବ୍ୟକ୍ତି ଥିଲେ। ତାଙ୍କର ନିଧନରେ ସମ୍ବଲପୁର ଜିଲ୍ଲାରେ ଶୋକ ଖେଳିଯାଇଛି। ଅମର ମହାନ୍ତି ଅମର ହୋଇଗଲେ ବୋଲି ସମସ୍ତେ ତାଙ୍କ ସ୍ମୃତିଚାରଣ କରିଛନ୍ତି। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।



## ଦୋକାନ ସମ୍ମୁଖରୁ ସ୍କୁଟି ଚୋରି

**ସମ୍ବଲପୁର, ୨୫।୪ (ସମିସ):** ଆଇଁଠାପାଲି ଥାନା ବୁଢ଼ାରଜା ଏକ ଦୋକାନ ସମ୍ମୁଖରୁ ଆଜି ସନ୍ଧ୍ୟାରେ ଏକ ସ୍କୁଟି ଚୋରି ହୋଇଛି। ସ୍କୁଟି ଓଡି-୧୫- ଏକ୍ସ -୮୭୪୪)କୁ ରଖି ଦେଇ ମାଲିକ ସାମଗ୍ରୀ କିଣିବାକୁ ଯାଇଥିଲେ। କିଣାକିଣି କରି ଆସି ଦେଖିବା ବେଳକୁ ସ୍କୁଟି ଆଉ ସେଠାରେ ନଥିଲା। ବହୁ ଖୋଜାଖୋଜି ପରେ ମଧ୍ୟ ପାଇ ନଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ହିଣ୍ଡାଲ୍‌କୋ ପକ୍ଷରୁ ଜଳଛତ୍ର ଓ ଘୋଳଦହି କେନ୍ଦ୍ର ଉଦ୍‌ଘାଟିତ



**ହୀରାକୁଦ, ୨୫।୪(ସମିସ):** ଚଳିତବର୍ଷର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ହିଣ୍ଡାଲକୋ ପରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ ଜନସାଧାରଣ ଓ ପଥଚାରୀଙ୍କ ନିମନ୍ତେ ଏକ ଥଣ୍ଡା ପାନୀୟ ଜଳ ସହ ଘୋଳଦହି କେନ୍ଦ୍ର ଖୋଲାଯାଇଛି। ହୀରାକୁଦ ପୁଲିସ ଷ୍ଟେସନ ସମୁଖସ୍ଥ ରେମେଡ଼-ହୀରାକୁଦ ମୁଖ୍ୟ ରାସ୍ତାରେ ଖୋଲିଥିବା ଏହି କେନ୍ଦ୍ର ଗ୍ରୀଷ୍ମ ପ୍ରବାହ ଶେଷ ହେବା ପର୍ଯ୍ୟନ୍ତ ଚାଲୁ ରହିବ। ଏହି କେନ୍ଦ୍ରକୁ ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀ ଏବଂ ମାନବ ସମ୍ବଳ ମୁଖ୍ୟ ହୀରାକୁଦ କମ୍ପେଲକ୍ସ ବିଶ୍ୱାସ ସିନ୍ୱେଧ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ହିଣ୍ଡାଲକୋର ବହୁ କର୍ମଚାରୀ, ପୁଲିସ ଅଧିକାରୀ, ସ୍ୱେଚ୍ଛାସେବୀ, ସ୍ରମିକ ସଂଗଠନର ବହୁ କର୍ମକର୍ତ୍ତା, ହୀରାକୁଦ ସିନିଅର ସିଟିଜେନ ସଂଘର ସଦସ୍ୟଗଣ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗଦେଇଥିଲେ।

## ସାଓଲିନ କୁଂଫୁ ଉଷୁ ଆସୋସିଏସନ୍‌ର ଗ୍ରୀଷ୍ମକାଳୀନ ନିଶୁଳ୍କ ତାଲିମ



**ସମ୍ବଲପୁର,୨୫।୪(ସମିସ):** ସାଓଲିନ କୁଂଫୁ ଉଷୁ ଆସୋସିଏସନ ତରଫରୁ କଚେରୀସ୍ଥିତ ଜିଲ୍ଲା ଜୁଡୋ ହଲ ସମ୍ବଲପୁରଠାରେ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷାର ଖେଳ ଗ୍ରୀଷ୍ମକାଳୀନ ନିଶୁଳ୍କ ତାଲମ ଶିବିର ମେ ୧ ତାରିଖଠାରୁ ଆରମ୍ଭ ହେବ। ଗ୍ରୀଷ୍ମକାଳୀନ ଛୁଟି ଅବସରରେ ଏହା ୬୦ଦିନ ଧରି ଚାଲିବ। ଏଥିରେ ୫ ବର୍ଷରୁ ୨୫ ବର୍ଷର ଛାତ୍ରଛାତ୍ରୀଙ୍କୁ ମାଗଣାରେ ତାଲିମ ପ୍ରଦାନ କରାଯିବ। ଶିବିର ଉଦ୍‌ଯାପନ ଦିନ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। କୁସ୍ତି, ଜୁଡୋ ଆଦି ଅଲମ୍ପିକ ଖେଳ ହୋଇଥିବାରୁ ଏହି ଶିବିରରୁ ଦେଶ ପାଇଁ ମେଡାଲିଷ୍ଟ ଖେଳାଳି ମଧ୍ୟ ବାହାରି ପାରନ୍ତି। ଛାତ୍ରଛାତ୍ରୀ ବାପା, ମା କିମ୍ବା ଅଭିଭାବକଙ୍କ ସହିତ ଆସି ସମ୍ବଲପୁର କଚେରୀସ୍ଥିତ ଜିଲ୍ଲା ଜୁଡୋ ହଲକୁ ଆସି ସମ୍ପୂର୍ଣ୍ଣ ମାଗଣା ନାମ ପଞ୍ଜୀକରଣ କରିପାରିବେ। ନିରୋଗ, ସୁସ୍ଥ ସବଳ ଓ ଆତ୍ମକ୍ଷାର କୌଶଳ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭରଶୀଳ କରାନ୍ତୁ ବୋଲି ଆସୋସିଏସନର ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ଅନୁରୋଧ କରିଛନ୍ତି। ଏହି ବୈଠକରେ ଗାୟତ୍ରୀ ମିଶ୍ର, ପୁଷ୍ପାଞ୍ଜଳି ସାହୁ, ସ୍ୱାଗତ କୁମାର ଘଡାଇ, ଶାନ୍ତି ଗୋପ, ଦିବ୍ୟଲକ୍ଷ୍ମୀ ମାଝୀ, ଦିବ୍ୟ କରିସ୍ମା ପୃଷ୍ଟି, ଶମ୍ଭୁ କୁଷ୍ଟା, ସମିର ବିଶ୍ୱାଳ, ପ୍ରିୟଙ୍କା ମିଉଲ, ସୋନୁ ପ୍ରସାଦ ସୋନାର, ଅରୁଣ କୁମାର ଅଜାଡିୱାଲ, ଆନନ୍ଦ ଦାଶ, ସଞ୍ଜିବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସାଧାରଣ ନିର୍ବାଚନ ପାଇଁ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ ଶିବିର

**ସମ୍ବଲପୁର, ୨୫।୪(ସମିସ)**

ଭାରତୀୟ ନିର୍ବାଚନ ଆୟୋଗଙ୍କ ଗାଇଡ୍‌ଲାଇନ ଅନୁଯାୟୀ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ସ୍ୱତନ୍ତ୍ର ଭୂମିକା ରହିଛି। ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ଦାୟିତ୍ୱ କେବଳ ମତଦାନ ଦିନରେ ସୀମିତ ରହିଥିଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ନିଜ କର୍ତ୍ତବ୍ୟକୁ ଭଲ ଭାବରେ ସମ୍ପାଦନ କରିବା ପାଇଁ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣର ଆୟୋଜନ କରାଯାଇଥିଲା। ୬୦ଜଣ କ୍ଷୁଦ୍ର ପର୍ଯ୍ୟବେକ୍ଷକ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏହି ପ୍ରଶିକ୍ଷଣରେ ଅଧକ୍ଷତା କରିଥିଲେ। ନିର୍ବାଚନ ପ୍ରକ୍ରିୟା, ଇସିଆଇ ଗାଇଡ୍‌ଲାଇନ ଏବଂ ନିର୍ଦ୍ଦେଶ ବିଷୟରେ ସଚେତନ କରାଇବା ସହିତ ମାଇକ୍ରୋ-ପର୍ଯ୍ୟବେକ୍ଷକ ଭାବରେ ସେମାନଙ୍କ ଭୂମିକା ଏବଂ ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ। ଅର୍ଥାତ୍ ମତଦାନ କେନ୍ଦ୍ରରେ ନିଶ୍ଚିତ ସର୍ବନିମ୍ନ ସୁବିଧାର ଉପଲବ୍ଧତା ଯାଞ୍ଚ କରିବା, ମକ୍ ପୋଲ୍ କରାଯାଇଛି କି ନାହିଁ ଯାଞ୍ଚ କରିବା, ନିୟନ୍ତ୍ରଣ ୟୁନିଟ୍‌ରୁ ମକ୍ ପୋଲ୍‌ର ତଥ୍ୟ ମଞ୍ଜୁର ହୋଇଛି କି ନାହିଁ, ମକ୍‌ପୋଲ୍ ପରେ ଏବଂ ପ୍ରକୃତ ମତଦାନ ଆରମ୍ଭ ହେବା ପୂର୍ବରୁ ଇଭିଏମ୍ ଗଣତି ଶୂନକୁ ସ୍ଥିର ହୋଇଥିଲା କି ନାହିଁ, ରାଜନୈତିକ ଦଳର କେତେ ପୋଲିଂ ଏଜେଣ୍ଟ ଉପସ୍ଥିତ ଥିଲେ, ମତଦାନର ଗୋପନୀୟତା ସୁନିଶ୍ଚିତ କରିବା ପାଇଁ ଭୋଟିଂ ବଗି ଠିକ ଭାବରେ ରଖାଯାଇଛି କି ନାହିଁ, ଏଣ୍ଟ୍ରି ପାସ୍ ବ୍ୟବସ୍ଥା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇଛି କି ନାହିଁ, ମତଦାନ କେନ୍ଦ୍ର ଭିତରେ କୌଣସି ଅନଧିକୃତ ବ୍ୟକ୍ତି ଅଛନ୍ତି କି ନାହିଁ ତାହା ଯାଞ୍ଚ କରିବା ପାଇଁ। ଠିକ୍ ଭାବରେ ହୋଇଥିବା ଅକ୍ଷମ କାଳି ଚିହ୍ନିତ ହେଉ କିମ୍ବା ନ ହେଉ, ନିର୍ଦ୍ଦେଶ ଅନୁଯାୟୀ ଭୋଟିଂ ମେସିନ୍ ସିଲ୍ ଆଦି ଉପରେ ଆଲୋଚନା ହୋଇଥିଲା। ସିଡିଓ-କମ ଇଓ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ସଦର ଡା. ପୁଷ୍ପାଞ୍ଜଳି ପଣ୍ଡା, ଡେପୁଟି କଲେକଟର ଇଲେକସନ ସଞ୍ଜୀବ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

